


ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ ପତ୍ରିକା

# ଆହ୍ୱାନ

ମାର୍ଚ୍ଚ ୨୦୧୬ ସଂସ୍କରଣ

ଦୟା
ଜଳବାୟୁ
ବସନ୍ତରାଜ
କଣ ଲେଖିବି
ଭାଲେଣ୍ଟାଇନ ଡେ
ବର୍ଷାଭିଜା ମନ
ହଜିଲା ଅତୀତ
ପୁନଶ୍ଚ ଅହଲ୍ୟା
କନ୍ୟାଭ୍ରୂଣ ହତ୍ୟା କରନାହିଁ

## ଆଦିଗୁରୁ ମହାଦେବ

## ନବକଳେବର ସ୍ମାରକୀ

## ମୋ କବିତା ରଖିବ ନାମ

## ଥିଲା ଏକ ମାଆ

## ଓଡ଼ିଆ ସାହିତ୍ୟର ଇତିହାସ

## ଝିଅମାନେ କଣ ସତରେ ଅଲୋଡ଼ା

ଏକାଦଶ ବର୍ଷ, ତୃତୀୟ ସଂଖ୍ୟା
ମାର୍ଚ୍ଚ ୨୦୧୭



# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୭୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ  । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ  । ଲେଖକମାନେ ଗ୍ଭହିଁଲେ ନିଜ ଲେଖାର ପ୍ରଗ୍ଭର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ  ।

# ସମ୍ପାଦକୀୟ



ଏକ ଅତ୍ୟନ୍ତ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଯାଇଛି ଆମ ଦେଶ । ଅନେକ ଘଟଣା ଓ ଦୁର୍ଘଟଣା ଆମକୁ ଅଶାନ୍ତ କରିଦେଉଛି । ସହନଶୀଳତା ଆମର ରକ୍ତଜାତ ପ୍ରବୃତ୍ତି, ତେଣୁ ସହି ଯାଉଛୁ । ତଥାପି ବର୍ତ୍ତମାନ ସମାଜରେ ଘଟୁଥିବା ଅନେକ ଘଟଣାକୁ ଦେଖିଲେ ସ୍ୱତଃ ଆମ ରକ୍ତ ତାତି ଯାଉଛି । ଦେଶର ଏକ ସମ୍ମାନପ୍ରଦ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନ କରୁଛନ୍ତି, ଦେଶ ବିରୋଧରେ ବିଭିନ୍ନ ପ୍ରକାର ଉତ୍ତେଜନା ଉଦ୍ରେକକାରୀ ଭାଷଣ ଦେଉଛନ୍ତି ଅଥଚ ସେମାନଙ୍କ କାର୍ଯ୍ୟକୁ ବୁଦ୍ଧିଜୀବିମାନେ କୌଣସି ପ୍ରକାର ଅପରାଧ ଦୂରର କଥା, ଦୋଷ ବୋଲି ମଧ୍ୟ କହୁନାହାନ୍ତି । ଭାରତୀୟ ସମ୍ବିଧାନରେ ସମସ୍ତ ନାଗରିକଙ୍କୁ ମିଳିଥିବା ଏକ ଅଧିକାର, 'ବାକ୍ ସ୍ୱାଧୀନତା' ମାତ୍ର କହି ଆଡ଼େଇ ଯାଉଛନ୍ତି । ଯେଉଁଠି ଦେଶ ବିରୋଧରେ ଷଡ଼ଯନ୍ତ୍ର କରିଥିବା ଜଣେ ଆତଙ୍କବାଦୀଙ୍କୁ ଶହିଦ ବୋଲି କହି ଶୋଭାଯାତ୍ରା ଓ ସଭାମାନ ଆୟୋଜନ କରାଯାଉଛି ଆଉ ଆମର ଗଣମାଧ୍ୟମ ଏହାକୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ବୋଲି ଟିଭି ପରଦାରେ ଦେଖାଉଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ସାତଟି ଦଶନ୍ଧିରେ ଦେଶ କେତେ ଅନ୍ଧକାର ଆଡ଼କୁ ଗଲାଣି ତାହାର ନିଦର୍ଶନ ନିକଟ ଅତୀତରେ ହରିଆନାରେ ହୋଇଥିବା ଜାଟ୍ ସଂରକ୍ଷଣ ଦାବୀ ଆନ୍ଦୋଳନକୁ ଦେଖିଲେ ଜାଣି ହୁଏ ।

ଆମେ ଉନ୍ନତି କରୁଛେ ନା ପଛକୁ ଫେରୁଛେ ? ଯେଉଁଠି ସାଧାରଣ ଲୋକଟିଏ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ଅଗ୍ରାଧିକାର ପାଇଁ ନିଜକୁ ନୀଚ ବୋଲି ଦେଖାଇବାକୁ ଉଗ୍ର ହୋଇ ପାରୁଛି, ସେଇଠି ଉନ୍ନତ ପ୍ରଦର୍ଶନ କରୁଥିବା ଲୋକଙ୍କର ସ୍ଥାନ କେଉଁଠି ? ସଂରକ୍ଷଣର ନିଆଁରେ ସମଗ୍ର ଦେଶ ଏବେ ଜର୍ଜରିତ, ଏଥିରେ ଦ୍ୱିମତ ନାହିଁ । ଥିଲାବାଲା ଲୋକମାନେ ହିଁ ଏହି ସବୁଥିରୁ ଲାଭ ପାଉଛନ୍ତି ଆଉ ଯେଉଁମାନେ ଗାଁ

ଗଣ୍ଡାରେ ରହିଛନ୍ତି ସେମାନେ ସେମିତ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ତୃଣମୂଳ ସ୍ତରରେ କେହି ସେମାନଙ୍କ ଉନ୍ନତି କଥା ଚିନ୍ତା କରିଛନ୍ତି କି ?

ଦୁଇବର୍ଷର ଶାସନ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମୋଦରଦାସ ଭାଇ ମୋଦୀଙ୍କ ସରକାର ଅନେକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି । କେତେକ ସ୍ଥାନରେ ବିଫଳ ମଧ୍ୟ ହୋଇଛି । ହେଲେ ବିଗତ ଷାଠିଏ ବର୍ଷର ବିଫଳତା ଆଗରେ ଏହି ସବୁ ବିଫଳତା ନଗଣ୍ୟ ମାତ୍ର । କିନ୍ତୁ ଦେଶର କିଛି ବୁଦ୍ଧିଜୀବି ସରକାରଙ୍କୁ କାମ କରେଇ ଦେବା ସପକ୍ଷରେ ନାହାନ୍ତି । ଦେଶରେ ଅସ୍ଥିରତା ସୃଷ୍ଟି କରିବାପାଇଁ ବିଦେଶୀ ଶକ୍ତିର ଆବଶ୍ୟକତା ଆଉ ରହିନାହିଁ, କାରଣ ଆମ ଦେଶର ତଥାକଥିତ ବୁଦ୍ଧିଜୀବି ଗୋଷ୍ଠୀ ସେ କାମ ଅତି ସହଜରେ କରି ଦେଇପାରୁଛନ୍ତି ।

ବିଗତ କିଛି ମାସ ଦେଶରେ 'ଅସହିଷ୍ଣୁତା' ଶବ୍ଦ ଏତେ ମାତ୍ରାରେ ବ୍ୟବହାର ହେଲା ଯେ ଲାଗିଲା ସତେ ଯେମିତ ଏହି ଦୁଇ ବର୍ଷରେ ହିଁ ଆମେ ଅସହିଷ୍ଣୁ ହୋଇଗଲୁ । ଦୀର୍ଘ ପାଞ୍ଚ ହଜାର ବର୍ଷର ସନାତନ ଧର୍ମୀୟ ଭାବନା ବୋଧହୁଏ ହଠାତ୍ ଉଭେଇ ଗଲା । ଏହି ଶବ୍ଦକୁ କିଛି ବୁଦ୍ଧିଜୀବି ଚତୁରତାର ସହ ଆମ ମସ୍ତିଷ୍କରେ ଘର କରେଇଦେଲେ । ସେମାନେ ନିଜର କର୍ମଦ୍ୱାରା ଏହି ଶବ୍ଦର ତାତ୍ପର୍ଯ୍ୟକୁ ବୁଝେଇବାକୁ କୌଣସି ଚେଷ୍ଟା ଛାଡ଼ିଲେ ନାହିଁ । ମାତ୍ର କେଇ ହଜାର ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଜଣେ ଛାତ୍ରନେତା, ଦେଶର ସର୍ବୋଚ୍ଚ ଶାସନକର୍ତ୍ତା, ଯେ କି ୧୨୫ କୋଟି ଭାରତୀୟଙ୍କ ଦ୍ୱାରା ନିର୍ବାଚିତ ହୋଇଛନ୍ତି, ତାଙ୍କୁ ସର୍ବସମକ୍ଷରେ କଟାକ୍ଷ କରି ସମାଲୋଚନା କରିପାରେ, ଏହାଠାରୁ ଅଧିକ ସହନଶୀଳତାର ଉଦାହରଣ କେଉଁଠି ଦେଖିବାକୁ ମିଳିବ ? ବିଦେଶରେ ଏହି ପରି କାର୍ଯ୍ୟକଲେ କଣ ପରିଣତି ହୁଏ ତାହା ସେମାନେ ଭଲରେ ଜାଣିଛନ୍ତି, ଅଥଚ ଯେଉଁ ଦେଶରେ ଜନ୍ମ ହୋଇଛନ୍ତି, ଯେଉଁ ଦେଶର ପାଣିପବନରେ ବଡ଼ ହୋଇଛନ୍ତି, ଯେଉଁ ଦେଶର ସରକାରଙ୍କ ଦୟାରେ ବିଶ୍ୱବିଦ୍ୟାଳୟରେ ନଗଣ୍ୟମାତ୍ର ଅର୍ଥଦାନ କରି ନିଃଶୁଳ୍କ ଶିକ୍ଷା ଗ୍ରହଣ କରୁଛନ୍ତି ସେହି ଦେଶ ବିରୋଧରେ ଗରଳ ଉଦଗାର ପକାଉଥିବା ସେହି ମହାନ ବ୍ୟକ୍ତିମାନଙ୍କୁ ଦେଖିଲେ ଆମ ମୁଣ୍ଡ ଲଜ୍ଜାରେ ନଇଁ ଯାଉଛି ।

ଏହିପରି ବ୍ୟକ୍ତିମାନେ ହିଁ ଦେଶକୁ ଦୁର୍ବଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଯେତେବେଳେ 'ଘର ଢିଙ୍କି କୁମ୍ଭୀର' ସେତେବେଳେ ଅନ୍ୟକୁ ଦୋଷ ଦେଇ କି ଲାଭ ? ବିଶ୍ୱର

ସର୍ବପୁରାତନ ସଭ୍ୟତା, ସନାତନ ଧର୍ମର ଗନ୍ତାଘର, ଗଙ୍ଗାଯମୁନୀ ପ୍ରଥାର ଦାୟାଦ ହୋଇ ଆମେ କେମିତି ନିଜ ଦେଶର ମାଟି ମା'କୁ ଅପମାନିତ କରିପାରିବା ? ବାକ୍ ସ୍ୱାଧୀନତାର ଅର୍ଥ କଣ ଏଇୟା ଯେ ଆମେ ମନକୁ ଯାହା ଆସିବ ତାହା କହିଦେଇ ପାରିବା ? ନିଜ ଦେଶ ନିଜ ସରକାରଙ୍କୁ ନିନ୍ଦା କରିପାରିବା ? ଆମେ ସେହିପ୍ରକାର ଶିକ୍ଷା ଗ୍ରହଣ କରୁନାହୁଁ ତେଣୁ ଆମେ ଖୁସି । ଯେଉଁମାନେ ସେହି ଲୋକମାନଙ୍କୁ ନିଜର ଦିଗଦର୍ଶକ ବୋଲି ଚିନ୍ତା କରୁଥାନ୍ତି ସେମାନେ ଅନ୍ତତଃ ଖୁସି ହୁଅନ୍ତୁ । ଆମେ କିନ୍ତୁ ଆମ ମାଟିର ସମ୍ମାନ ରଖି ଜାଣୁ ।

ବର୍ଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ବାର୍ଷିକ ଆୟବ୍ୟୟ ଅଟକଳ / ବଜେଟ ବିଗତ ମାସରେ ଉପସ୍ଥାପିତ ହୋଇଯାଇଛି । ଚଳିତ ବର୍ଷର ବଜେଟ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳକୁ ଆଖିଆଗରେ ରଖି ପ୍ରସ୍ତୁତ କରାଯାଇଛି । ଚାକିରୀଆଙ୍କ ପାଇଁ କିଛି ନୂଆ କରଛାଡ଼ ବ୍ୟବସ୍ଥା ନଥିଲେ ସୁଦ୍ଧା ଏଥିରେ ଏମିତି ଅନେକ ବ୍ୟବସ୍ଥା କରାଯାଇଛି ଯାହା ଫଳରେ ଭାରତର ଗ୍ରାମ୍ୟ ଅର୍ଥନୀତିରେ ଉନ୍ନତି ଆସିବ । ଆଶା କରାଯାଉଛି ଏହା ଦ୍ୱାରା ଅନେକ ବର୍ଷରୁ ହେଉଥିବା ଦାବୀ ପୁରଣ ହୋଇପାରିବ । ଆର୍ଥିକ ଭାବରେ ସ୍ୱାବଲମ୍ବନଶୀଳ କରିବାପାଇଁ ଏହି ବଜେଟକୁ ମହତ୍ୱପୂର୍ଣ୍ଣ ବୋଲି ମଧ୍ୟ କୁହାଯାଉଛି ।

ସେ, ଯା ହେଉ । ଗ୍ରୀଷ୍ମର ଦିନ ସବୁ ନିକଟତର ହେବାକୁ ଲାଗିଲାଣି । ଦିନବେଳାର ତାପମାତ୍ରା ଦିନକୁ ଦିନ ବୃଦ୍ଧିପାଉଛି । ଆଗକୁ ଯେ ଦିନ ସବୁ ଅସହ୍ୟ ହେବ ଏଥିରେ ସନ୍ଦେହ ନାହିଁ । ଆସନ୍ତା ସଂସ୍କରଣରେ ଆମେ ଓଡ଼ିଆ ନବବର୍ଷକୁ ଆଖିଆଗରେ ରଖି ଏକ ବିଶେଷ ସଂସ୍କରଣ ପ୍ରକାଶ କରିବାର ଆଶା ପୋଷଣ କରୁଛୁ । ଓଡ଼ିଆ ଭାଷାରେ ଲେଖାଲେଖି କରୁଥିବା ସମସ୍ତ ବନ୍ଧୁମାନେ ଆଗାମୀ ସଂସ୍କରଣ ପାଇଁ ନିଜ ଦ୍ୱାରା ଲିଖିତ କୃତୀ ଆମ ନିକଟକୁ ଖୁବ୍ ଶୀଘ୍ର ପ୍ରେରଣ କରନ୍ତୁ ।

ଆଶା କରୁଛି ବିଗତ ମାସ ମାନଙ୍କ ପରି ଚଳିତ ମାସର ଆହ୍ୱାନ ଆପଣମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ଚଳିତ ସଂସ୍କରଣରେ...

| | |
|---|---|
| ସମ୍ପାଦକୀୟ | ୪ |
| ଦୟା | ୮ |
| *ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦ୍ରା* | |
| ଜଳବାୟୁ | ୯ |
| *ଶ୍ରୀ ହିମାଂଶୁ ଶେଖର ବାରିକ* | |
| ଭାଲେଣ୍ଟାଇନ୍ ଡେ | ୧୧ |
| *ଶ୍ରୀ ହିମାଂଶୁ ଶେଖର ବାରିକ* | |
| ବର୍ଷାଭିଜା ମନ | ୧୨ |
| *ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ* | |
| କନ୍ୟାଭ୍ରୃଣ ହତ୍ୟା କରନାହିଁ | ୧୩ |
| *ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ* | |
| ହଜିଲା ଅତୀତ | ୧୪ |
| *ପ୍ରଶାନ୍ତ କୁମାର ନାଥ* | |
| ମୋ କବିତା ରଖିବ ନାମ | ୧୫ |
| *ଶମ୍ଭୁନାଥ ଦାସ* | |
| ନବକଳେବର ସ୍ମାରକୀ | ୧୭ |
| *ଡା ସୌମ୍ୟରଞ୍ଜନ ମିଶ୍ର* | |
| ବସନ୍ତ ରଜ | ୧୯ |
| *ଅନାମ ଚରଣ ସାହୁ* | |
| ପୁନଶ୍ଚ ଅହଲ୍ୟା | ୨୦ |
| *ଶୁଭସ୍ମିତା ବେହେରା* | |
| କଣ ଲେଖିବ | ୨୧ |
| *ପ୍ରତିଭା ପ୍ରିୟଦର୍ଶିନୀ* | |
| ଆଦି ଗୁରୁ ମହାଦେବ | ୨୩ |
| *ପ୍ରତିଭା ପ୍ରିୟଦର୍ଶିନୀ* | |
| ଥିଲା ଏକ ମାଆ | ୨୬ |
| *କମଳାକାନ୍ତ ସୁବୁଦ୍ଧି* | |
| କନ୍ୟାଭ୍ରୃଣ ହତ୍ୟା | ୨୮ |
| *ପ୍ରଭାତ ଗୁରୁ* | |
| ଝିଅମାନେ କଣ ସତରେ ଅଲୋଡ଼ା | ୩୦ |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| ଓଡ଼ିଆ ସାହିତ୍ୟର ଇତିହାସ | ୩୩ |
| *ରଞ୍ଜିତା ପାତ୍ର* | |

# ଦୟା (ଦୟା ସର୍ବସୁଖୈଷିତ୍ୱମ୍)

ଶ୍ରୀ ପ୍ରବୋଧ ଚନ୍ଦ୍ର ମୁଦ୍ରା



'ଦୟା' ଶବ୍ଦ ଅଟେ ଦୁଇ ଅକ୍ଷର । ଅକ୍ଷର ଦ୍ୱୟର ଗୁଣ ଅପାର ।।
ଦେବତ୍ୱ ସୁଲଭ ଅଟଇ ଏହା । ପ୍ରାଣୀଙ୍କୁ ମହାନ କରଇ ତାହା ।।
ସେହି ଗୁଣେ ହେଲେ ସର୍ବେ ଭୂଷିତ । ଜୀବନ ହୋଇଯିବ ସୁଶୋଭିତ ।।
ମନୁଷ୍ୟର ତାହା ଦିବ୍ୟ ଭୂଷଣ । ତା ଯୋଗୁଁ ମନୁଷ୍ୟ ହୁଏ ମହାନ ।।
'ଦୟା' ନାହିଁ ଯେଉଁ ମାନବହୃଦେ । ନରପଣିଆରେ ଗଣା ନ ଯାଏ ।।
ଶୈଶବ କାଳୁ କଲେ ଏହି ଶିକ୍ଷା । ବିଶ୍ୱ ଜନଙ୍କର ହୋଇବ ସଖା ।।
ଜୀବେ ଦୟା ଭାବ ବହି ମନରେ । କରିବ ସତକାର୍ଯ୍ୟ ଇହଧାମରେ ।।
'ଦୟା' ଶବ୍ଦଟିକୁ ଓଲଟାଇଲେ । 'ୟାଦ' ଶବ୍ଦଟି ହୋଇବ ଭଲେ ।।
ଦୟାବାନ ସଦା ହୁଏ ସ୍ମରଣୀୟ । ନିର୍ଦ୍ଦୟ ବ୍ୟକ୍ତି ହୁଏ ନିନ୍ଦନୀୟ ।।
ବୁଦ୍ଧ ଓ ଗାନ୍ଧୀ ଥିଲେ ଦୟାବନ୍ତ । ମହାତ୍ମା ରୂପେ ହୋଇଲେ ବିଖ୍ୟାତ ।।
ଉତ୍କଳମଣି ଗୋପବନ୍ଧୁ ଦାସ । ଦୟାଳୁ ଗୁଣରେ ଲଭିଲେ ସୁଯଶ ।।
ଏହି ଦିବ୍ୟଗୁଣ କରିଲେ ଅର୍ଜନ । ମାନବ ଜୀବନ ହୋଇବ ଧନ୍ୟ ।।

ସାଙ୍କୁଡ଼ା, ଗଞ୍ଜାମ

ଦୂରଭାଷ -7894916131

# ଜଳବାୟୁ

ହମାଂଶୁ ଶେଖର ବାରକ୍



ବଶ୍ୱ ନେତୃତ୍ୱ କରେ ଚନ୍ତା ପ୍ରକଟ

ଢାଳବା ପାଇଁ ଜଳବାୟୁ ସଂକଟ ॥

ଓଜୋନ ସ୍ତରରେ ବଢ଼ଇ ଗର୍ତ୍ତ

ଦନୁ ଦନୁ ଧର୍ ହୁଏ ଉତ୍ତପ୍ତ ॥

ଗଢ଼ି ଉଠେ ଶିଳ୍ପ କଳକାରଖାନା

ଲଣ୍ଡିତ କର ଅଟବୀ ସୁଶୋଭନା ॥

ଅଙ୍ଗାରକାମ୍ଳ ପୂର୍ଣ୍ଣ ବାୟୁମଣ୍ଡଳ

ପରବର୍ତ୍ତନ ଆଣେ ପାଗ କର୍ଳ ॥

ମଉସୁମୀ ଆସଇ ଅନୟମିତ

ବରଷା କାଳେ ବରଷଇ କ୍ୱଚତ ॥

ଶୀତକାଳେ ବଢ଼ି ସରତର ବାର

ଗୃଷୀକୁଳର ହୋଇଥାଏ ଅଇର ॥

ଶୀତର ପ୍ରକୋପ ହେଲ୍ଣି ବସ୍ମୃତ

ଶୀତ ଦନେ ଗ୍ରୀଷ୍ମ ହୁଏ ଅନୁଭୂତ ॥

ବସନ୍ତେ ଶୁଭେନା କୋକଳ ସଂଗୀତ

ଅଦୃଶ୍ୟ ହୋଇଛ କୃଷ୍ଣଚୂଡ଼ା ଚୂତ ।।

ନଦାଘ କାଳ ଅଟେ ଦାରୁଣମୟ

ପ୍ରାଣୀଜଗତ ହୁଅଇ ଦୟନୀୟ ।।

ପ୍ରକୃତ କରୁଛ ଆଜ ଅତ ରୋଷ

କଏବା କରବ ତାହାଙ୍କୁ ସନ୍ତୋଷ ।।

ମଣିଷର ଲୋଭ ଅଟଇ କାରଣ

ସଂକୁଚତ ଚନ୍ତା କରୁ ପ୍ରସାରଣ ।।

ବର୍ତ୍ତମାନ ଆଉ ଭବଷ୍ୟତ ପାଇଁ

ଚନ୍ତା କରୁ ଆଜ ସ୍ୱାର୍ଥହୀନ ହୋଇ ।।

# ଅପ୍ରେଲ ସଂସ୍କରଣ

**ଓଡ଼ିଆ ନବବର୍ଷ ବଶେଷାଙ୍କ ପାଇଁ ଲେଖା ପଠାନ୍ତୁ । ଲେଖା ପଠାଇବା ପାଇଁ ସୂଚନା ଶେଷ ପୃଷ୍ଠାରେ ଦଆଯାଇଛ ।**

# ଭଲେଣ୍ଟାଇନ୍ ଡେ

ଶ୍ରୀ ହମାଂଶୁ ଶେଖର ବାରକ୍



ପାଶ୍ଚାତ୍ୟ ସଂସ୍କୃତର କର ଅବଲମ୍ବନ
ଭରତୀୟ ସଂସ୍କୃତର କରଲେ ଅପମାନ,
'ଭଲେଣ୍ଟାଇନ ଡେ' ର ହୋଇଲା ପ୍ରଚଳନ
ବକୃତ ପ୍ରେମ କରବା ପାଇଁ ପ୍ରଦର୍ଶନ ।।
ପ୍ରେମ ନାମେ କାମର ହେଉଛ ଆବଣ୍ଟନ
ବଢୁଛ ଅନୈତକତା ଓ ଯୌନ ଶୋଷଣ,
ଯୁବାବର୍ଗ ଭୁଲଗଲେ ହତାହତ ଜ୍ଞାନ
ବୃଦ୍ଧକାଳେ ପିତାମାତା କଲେ ଅସମ୍ମାନ ।।
ଲଜ୍ଜିତ କରଲେ ପରବାରେ ଗୁରୁଜନ
ସ୍ନେହରୁ ବଞ୍ଚିତ ହେଉଛନ୍ତ ଲଘୁଜନ,
ସାମାଜକ ଅପରାଧର ଅନ୍ୟ କାରଣ
କପଟେ ହରନ୍ତ ବଦେଶୀ ଶାନ୍ତ ନଧାନ ।।
ହେ ଭାଇ ଭଉଣୀମାନେ ହୁଅ ସଚେତନ
ଅନଷ୍ଟ ବଦେଶୀ ସଂସ୍କୃତ କର ବର୍ଜନ,
ମାତୃ ପିତୃ ଦବସର କରବା ପାଳନ
ସମାଜେ ମୂଲ୍ୟବୋଧ ହେବ ପରବର୍ଦ୍ଧନ ।।

# ବର୍ଷାଭଜା ମନ

ଡା ସନ୍ଧ୍ୟାରଣୀ ପାଣିଗ୍ରାହୀ



କଛି ବର୍ଷା ଭଜାଏ ମନଟି
କଛି ବରଷାରେ ଭଜେ ଯେ ମାଟି
ବର୍ଷା କଛି ହୁଏ ବାହାରେ
କଛି ବରଷିଯାଏ ମନ ଅଗଣାରେ
ଚତୁର ଅଦନିଆ ବରଷା କଛି
ଆନମନା କରେ ମନରେ ଆସି
ବର୍ଷା ଭଜା ମନ ଛନ ଛନ
ପୀରତଭର୍ ଏ ଶୀହରଣ
ବର୍ଷା ଲଗାଏ, ମନରେ ନିଆଁ
ହେଲେ ଅମାନିଆ ଦୁଇ ଦନିଆ
ବରଷା ଗଣୀର ରୂପ ସମ୍ଭାର
ହୃଦୟର ଭଲପାଇବା ସାକାର
ବରହୀ ମନର ଲଗ୍ନ, ଧୃର ପବନ
ବେକାବୁ କରେ ଏ ରୂପ ଯୌବନ
ଇନ୍ଦ୍ରଧନୂର ମରଚୀକା ଆକାଶରେ
ଝରହୁଏ ଅଝଟିଆ ଅମାନିଆ ମନରେ
ହଜ ଭଜଯାଏ ନାୟକ ଓ ନାୟିକା ମନ
କୁହ କ ପାଇଁ ସାଜଛି ବେପଥୁ ସପନ ।

ବରଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରେଗ ବଶେଷଜ୍ଞା
ବ୍ରହ୍ମପୁର

# କନ୍ୟାଭ୍ରୃଣ ହତ୍ୟା କରନାହିଁ

ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ



ତୁମେ ଶାଶ୍ୱତ, ତୁମେ ପବିତ୍ର
ଗର୍ଭାଶୟରେ ମୁଁ ଚିର ନିଦ୍ରିତ
ଅଙ୍କୁରିତ ହୋଇ ନିଶ୍ଚିତ ନିଦ୍ରାରେ
ବଞ୍ଚିରହିଛି ଏ ଅଣୁ ତୁମ ଦୁନିଆରେ
ପ୍ରତିଛବି, ପ୍ରତିବିମ୍ବ ତୁମର
ଜୀବନ୍ତ ଜାଗ୍ରତ ଏହି କନ୍ୟାର
ତୁମ ପରିଚୟରୁ ସୃଷ୍ଟି ମୋର
କଳଙ୍କିନୀ ମୃତ୍ୟୁ କାମନା ନ କର
ସ୍ୱନିନର ପ୍ରତାରଣା କରନା ସାଥୀରେ
ଶ୍ୱାସରୁଦ୍ଧ କରି ମାରନା ପୁତ୍ର କାମନାରେ
ଥରୁଟିଏ କୋହି ଓ ଲୁହ ଉପଲବ୍ଧି କର
ସୁଯୋଗ ଦିଅ, ସାବ୍ୟସ୍ତ ଅଧିକାରର
କ୍ଷମାଦିଅ ଜରାୟୁରେ ଆଶ୍ରୟ ପାଇଁ
ନିଶ୍ୱାସ ପବିତ୍ରତାର ନେଇ ବଢ଼ିବା ପାଇଁ
କାନ୍ଦି ଭୂମିଷ୍ଠ ହେବା ପୂର୍ବରୁ ମା ମୋର
ପରିଚୟ ଦିଅନାହିଁ ହତ୍ୟାକାରିଣୀର
ସୃଷ୍ଟିର ଉତ୍ପତ୍ତି ପ୍ରାର୍ଥନା ଏ ତବ ପଦରେ
ପ୍ରଳୟ ରଚନାହିଁ, ସୁନ୍ଦର ଧରିତ୍ରି ଧ୍ୱଂସରେ ।

ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା
ବ୍ରହ୍ମପୁର

# ହଜଲ୍ ଅତୀତ

ପ୍ରଶାନ୍ତ କୁମାର ନାଥ



କଏ ଖୋଜେ କାହା ପ୍ରେମ ଚଇତାଳ
କଏ ଖୋଜେ ପ୍ରୀତ ଇସାର୍
ମୁଁ କନ୍ତୁ ଖୋଜୁଛ ମୋ ହଜଲ୍ ଅତୀତ
ସାଜଛ ମୁଁ ପଥହର୍ ।
ସୁଖର ବାଟରେ ଯିବ ଭବୁଭବୁ
ବାଟ ମୁଁ ଯାଇଛ ଭୁଲ
ଯୁଆଡ଼େ ଗୃହିଁଲେ ଦଶେ ଯେ ମୋତେ
ସବୁକଛ ମରୁବାଲ ।
ଅନ୍ଧାର ଗ୍ତର ବାଟଭୁଲ୍ ପଥିକ
ଖୋଜୁଛ ମୁଁ ଗୋଟେ ସାହାର୍
ବାଟ ଭୁଲଯାଇ ଖୋଜୁଛ ମୁଁ ତାକୁ
ସାଜ ସତେ ମୁଁ ପଥହର୍ ।
ନଃସଙ୍ଗ ଏହ ମୋ ଜୀବନର ପଥ
ଲ୍ଗୁଛ ମୋତେ ଭନ୍ନ ଭନ୍ନ
କାହା ହାତ ଧର ଗୃଲବ ମୁଁ ବାଟ
ଜୀବନ ଟା ଯା ଶୂନ୍ୟ ଶୂନ୍ୟ ।

ସୁନ୍ଦରପୁର, ଉତ୍ତରକୂଳ, ପ୍ରୀତପୁର, ଯାଜପୁର
ମୋବାଇଲ୍ - ୦୮୮୯୨୩୦୧୧୪୩

# ମୋ କବିତା ରଖିବ ନାମ

ଶମ୍ଭୁନାଥ ଦାସ



ଶୋଷଣ କଷଣ ଦୁର୍ନୀତି ବିରୁଦ୍ଧେ
କରିଅଛି ମୁହିଁ ପଣ,
ସମାଜର ହିତେ ଲଢ଼େଇ କରିବ
ଲେଖନୀକୁ କରି ଟାଣ ।

ଲେଖନୀ ମୁନରେ ଦୁର୍ନୀତିର ମୁଖ
ଦେଖାଇବ ବାରମ୍ବାର,
ଜନଗଣ ହସ୍ତେ ଧରାଇ ଖଡ଼ଗ
ପାଇବାକୁ ଅଧିକାର ।

ମୋ ମାନବ ଭାଇ ମୁହଁକୁ ବୁଲାଇ
କରୁଛନ୍ତି ପରିହାସ,
କୂଟ କପଟରେ ମରୁଛନ୍ତି ନିଜେ
ମାରୁଛନ୍ତି ବସବାସ ।

ଲେଖାରେ ପଢ଼ାରେ ଧ୍ୟାନ ନ ରଖନ୍ତି
ନ ବୁଝନ୍ତି ଯଶମାନ,
ସମାଜର ସ୍ଥିତି ଜାଣି ନ ପାରନ୍ତି
ହେଉଥାନ୍ତି ହୀନମାନ ।

ସମାଜ ସଂସ୍କାର          ଜାତୀୟ ସଂହତ

ଧର ରଖିବାକୁ ମନ,

ଦୁର୍ନୀତ ବରୁଦ୍ଧେ          ଲେଖି ଲେଖି ମୁହିଁ

ପାଉଛ କେତେ କଷଣ ।

ଏ ଗତବଧିରେ  -  ଏପର ଜୀବନ

ନେଇଯିବ ଦନେ ଯମ,

ସେହ ଦନଠାରୁ          ଏ ସମାଜେ ମୋର

କବତା ରଖିବ ନାମ ।

ମୁଖ୍ୟ ସମ୍ପାଦକ, ଅଭଯାନ
୧୨/୧, ମୟୁରଭଞ୍ଜ ରୋଡ଼
କୋଲକାତା, ୭୦୦୦୨୩
ମୋବାଇଲ୍ - ୦୯୩୮୩୯୭୧୩୫

ଆପଣ ନବୀନ ହୁଅନ୍ତୁ ଅବା ପ୍ରବୀଣ, ଆପଣ ଓଡ଼ିଆରେ ଲେଖୁଛନ୍ତ କ ? ଆହ୍ୱାନ ଇ-ପତ୍ରକାରେ ଆଗାମୀ ମାସରେ ଓଡ଼ିଆ ନବବର୍ଷ ବଶେଷାଙ୍କ ପ୍ରକାଶିତ ହେବ । ଆପଣ ଲେଖା ଦେଲେଣି ? ଯଦ ନା, ତା ହେଲେ ଏବେ ହିଁ ପଠାନ୍ତୁ । ଲେଖା ପଠାଇବା ପାଇଁ ସୂଚନା ଶେଷ ପୃଷ୍ଠାରେ ଦଆଯାଇଛ ।

# ନବକଳେବର ସ୍ମାରକୀ

ଡା ସୌମ୍ୟରଞ୍ଜନ ମିଶ୍ର



ନବକଳେବର ପ୍ରଥମ ବାର୍ଷିକୀ ଆସିଲାରୁ ପାଖେଇ
ସାଆନ୍ତଙ୍କ ପାଖେ ମହାଲକ୍ଷ୍ମୀ ହେଲେ ନାକ ସକେଇ
ସରକାରୀ କାମ ଗୁଡ଼ା କ'ଣ ସତରେ ଏତକ ମନ୍ଥର
ସ୍ମାରକୀ ଗଢ଼ିବେ ବୋଲି ବରଷ ଗଲା ଯେ ପନ୍ଦର
ସ୍ୱପ୍ନାଦେଶ ଦେଇ ମୋ ପାଇଁ କରନ୍ତୁନ ଟିକେ ଲବି
ସ୍ତ୍ରୀ ହିସାବରେ ମୁଁ ବି ସ୍ମାରକୀରେ ତୁମ ପାଖରେ ରହିବି ।
ସାଆନ୍ତେ ଚଗଚଗିତ ଢଙ୍ଗରେ ମୁରୁକି ହସିଲେ
ଲକ୍ଷ୍ମୀଙ୍କ ପାଟିରେ ହାତ ଦେଇ ଚୁପକି କହିଲେ
ଆଗୋ ପ୍ରାଣପ୍ରିୟେ ଟିକେ ଧିରେ ଧିରେ କୁହ କଥା
ପଣ୍ଡାପୁଏ ଯଦି ଶୁଣିଦେଲେ ନାକରି ହେବ ଅବସ୍ଥା
ତୁମେ କଣ ଜାଣନାହିଁ ପଖାଳଖିଆଙ୍କ ବୁଦ୍ଧି
ବାପ ନାଁ ବିକି ଜଗତେ ସାଉଁଟନ୍ତି ପ୍ରସିଦ୍ଧି ।
ମୁଦ୍ରା ଓ ଡାକଟିକେଟେ ମୋର ଲୀଳାକୁ ଛପେଇ
ପ୍ରଚାର କରିବେ ଦେଶ ବିଦେଶରେ ନେଇ
ବିଦେଶରୁ ବହୁଲୋକ ମୁହାଇଁଲେ ପୁରୀ
ସମସ୍ତଙ୍କ ବେପାର ବଢ଼ିବ, ବଢ଼ିବ ଉପୁରୀ
ମୋ ସହିତ ତୁମେ ରହିବାଟା ଉଚିତ ହେବନି

'ସ୍ୱାମୀପ୍ରାଣ' ମୋର ଏକଥା    ଜମାରୁ ସହି ପାରିବନି ।
ହାତଗୋଡ଼ ଲଗାଇ    ସୁନାବେଶ ହୋଇ
ମୁଦ୍ରାର ଗୋଟେ ପଟେ ରହି    ମୁଁ ଯେବେ ବ୍ରହ୍ମାଣ୍ଡ ବୁଲିବି
କେବେ ମାଛବାଲିର    ପିଗୃ ତଳେ ତ
କେବେ କଦଳୀବାଲର    କାଞ୍ଚୁଲିରେ ଗୃପିକି ରହିବି
ଏସବୁକୁ ସହି ତମେ ଧୈର୍ଯ୍ୟ    ଧରି ରହିକି ପାରିବ ?
ଖାଲି ମନେ ମନେ ରକ୍ତ    ଗୃଉଳ ଗୃେବାଇବ ।
ଭଲ ହୋଇଛି ଡାକଟିକେଟେ    ଖାଲି ଅଛି ଦାରୁଛବି
ନ ହେଲେ ନିତ ଗାଲରେ ମୋ ଶହ ଶହ    ମୁଥ ଦେଇଥାନ୍ତେ ଖୋବ
ମୁଁ ପୁରୁଷ ଲୋକ ବଜାରୀ ହେବାରେ    ଅସୁବିଧା କିଛି ନାହିଁ
ତୁମେ 'ସ୍ୱାମୀର ଇଜ୍ଜତ' ଲୀଳା ଦେଖ    ବଡ଼ ଦେଉଳରେ ରହି
ମନରୁ ସ୍ମାରକୀରେ ରହିବାର ଇଚ୍ଛା    ପରିତ୍ୟାଗ ଏବେ କର
ଯାଅ ଆଜି ଗୃେଖା କରି ବନାଅ    କନିକା, ମହୁର ବେସର ।

ମଧଖଣ୍ଡୀ, ଶ୍ରୀବଳଦେବ ଜୀୟୁ, କେନ୍ଦ୍ରାପଡ଼ା - ୭୫୪୨୧୨
ମୋବାଇଲ୍ : ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com

# ବସନ୍ତରାଜ

ଅନାମ ଚରଣ ସାହୁ



ଆସିଲ ବସନ୍ତ ରାଜ ଏ ଧରା ବକ୍ଷରେ
ସ୍ୱାଗତ ତୁମକୁ କରୁ ବଡ଼ ସରାଗରେ ।
ମଳୟ ଆଣିଛ ସାଥେ ବଡ଼ ରୁଚିକର
ଦେହେ ବାଜି ସିଏ କରେ ଅବସାଦ ଦୂର ।
ସବୁଜ ଓଢ଼ଣୀ ଟାଣି ଏ ଧରଣୀ ରାଣୀ
ସୌନ୍ଦର୍ଯ୍ୟେ ଶ୍ରେଷ୍ଠା ଏ ମନ ଉଲ୍ଲସିତ ଗୁଣି ।
ପକ୍ୱଚୂତ ଫଳ ଦେଖି ହରସିତ ବନ
ଆନନ୍ଦିତ ହୁଏ ମନ ଶୁଣି କୁହୁତାନ ।
ମଧୁସୂଦନଙ୍କ ସଙ୍ଗେ ରାଧିକା ରମଣୀ
ଘର ଘର ବୁଲି ଦିଅନ୍ତି ନିଜ ଆଶୀର୍ବାଣୀ ।
ଗର୍ବ, ଅହଂକାରେ ମତ୍ତ ଦାମ୍ଭିକ ମାନଙ୍କୁ
ଚେତାଇ ଦିଅନ୍ତି ଦେଇ ହୋଲିକା ରଙ୍ଗକୁ ।
ମଧୁମାସ ଆନ୍ତେ ପୁଣି ହୁଏ ଝାମୁଯାତ
ଧରିତ୍ରି ସୁନ୍ଦର ହୁଏ ଦେଖି ଦେବୀ ମାତ ।
ପବିତ୍ର ନିର୍ମଳ ହୁଏ ହୃଦୟ ଆମର
ବସୁମାତା ଦେଖାଯାଏ ସରସ ସୁନ୍ଦର ।

# ପୁନଶ୍ଚ ଅହଲ୍ୟା

ଶୁଭସ୍ମିତା ବେହେରା



ସାଜଥିଲ ଘଞ୍ଚ ଅରଣ୍ୟେ ଅଭିଶପ୍ତା ପାଷାଣ,
ମୁଁ ଅହଲ୍ୟା ଥିଲ, ମୂଲ୍ୟହୀନ ପ୍ରାଣହୀନ ।
ତୁମ ପାଦସ୍ପର୍ଶେ 'ହେ ଗ୍ମ' ପାଇଲ ମୁଁ ନୂଆ ଜୀବନ ।
ତୁମର ସଂସାରେ ଆଜ ମୁଁ ପୁଣି ଅବହେଳିତା
ଏତେ ଅଲୋଡ଼ା ଯେ ନାରୀ ଆଜ ହୁଏ ମାତୃଗର୍ଭେ ହତ୍ୟା,
ଯୌତୁକ ଜୁଇରେ ସର୍ବତ୍ର ଜଳଇ ସେ ଜଅନ୍ତା ।
ବୋଝ ସାଜେ ପୁଣି ପିତା ପାଇଁ ଦୁହିତା,
ନିଷ୍ପେଷିତା ଆଜ ସେ ପୁଣି ମାଆର ମମତା
ବସ୍ତ୍ର ହରଣ ହେଲଣି ସତେ ସାମାଜିକ ପ୍ରଥା ।
ଅସହ୍ୟ ଯନ୍ତ୍ରଣା ଅବ୍ୟକ୍ତ ବେଦନା....
ନାରୀଟିଏ ଆଜ ହୋଇଛି ପୁରୁଷ ହାତର ଖେଳନା
ଏ ଅବିବେକୀ ମଣିଷ କି ତୁମ ଶ୍ରେଷ୍ଠ ରଚନା ?
ସ୍ନେହ ସୌହାର୍ଦ୍ଦ୍ୟର ତ୍ୟାଗର ମୂଲ୍ୟ ଯେ ବୁଝେନା
ପ୍ରତିଦାନ ଦେଇ ଜାଣେ ଯେ ଖାଲି ହିଂସା ପ୍ରତାରଣା ।
ହେ ଗ୍ମ ହେଲକି ବଧିର ଶୁଭୁନାହିଁ କି ମୋ ଆକୁଳ ଚିତ୍କାର
ଅସହ୍ୟ ହେଲଣି ଦୁଃସହ ହେଲଣି
ତୁମ ପାଦ ସ୍ପର୍ଶେ ପୁନଶ୍ଚ ମୋତେ କର ପଥର ।

ବିଜ୍ଞାନ ଶିକ୍ଷୟିତ୍ରୀ
କେଜବଭ, ବଡ଼ବନ୍ଧ, ବୌଦ୍ଧ, ଓଡ଼ିଶା

# କଣ ଲେଖିବ

ପ୍ରତଭା ପ୍ରିୟଦର୍ଶିନୀ



କ'ଣ ଲେଖିବ

ଜାଣିକ ହାରବା, ଅବା

ହାରକ ଜତବା କଥା !

ଆମ ଭତର ଦ୍ୱନ୍ଦ

ଅଥବା ମୋ କୁହୁଳା

ମନର ଯେତେକ ବ୍ୟଥା ! !

କେବେ ସମୁଦ୍ର

କେବେ ଜୁଆର

ଲେଖିଦେବ ତୁମ - ମୋ ବଗ୍ରହ !

ଲେଖିଦେବ ସତେ

ସବୁ ମିଥ୍ୟା, ପ୍ରହେଳକା

ଅତୁଟ ସମ୍ପର୍କ କଥା ନରାଧାର ! !

କେବେ ଲୁହ ଲେଖିବ

ପୁଣି କେବେ ଲହୁ

ବିଶ୍ରାମହୀନ ଆତ୍ମାର ସନ୍ତାପ !

ମଖମଲ ସଞ୍ଜ ସକାଳ

ଅବା କଥା ସମ୍ମାନର

ମତୁଆଲ୍ ମନ ଓ ସୁଗନ୍ଧି ଗୋଲାପ ! !

ଲେଖିବକି ପ୍ରୀତିକଥା

ପଗ୍ଭରିବ ଛୋଟଏକ ପ୍ରଶ୍ନ

ସ୍ମୃତିତଳେ ଯାହା ଗୋପନେ ଗୁମୁରେ !

ଖୋଲିଦେବ ହୃଦୟମୋ

ଦେଖିନେବ ନିଜେ

ତୁମଲାଗି କେମିତି ନିତି ଝୁରିମରେ ! !

କଟକ

# ଆଦିଗୁରୁ ମହାଦେବ

ପ୍ରତିଭା ପ୍ରିୟଦର୍ଶିନୀ



*" ଓଁ ତ୍ରିୟମ୍ବକମ୍ ଯଜାମହେ*

*ସୁଗନ୍ଧିମ୍ ପୁଷ୍ଟି ବର୍ଦ୍ଧନମ୍*

*ଉର୍ବାରୁକମିବ ବନ୍ଧନାତ୍*

*ମୃତ୍ୟୁର୍ମ୍ମୁକ୍ଷିୟ ମାମୃତାତ୍ "*

ମନ୍ତ୍ରାର୍ଥ - ଓମ୍, ଆମ୍ଭେମାନେ ସେହି ତ୍ରିନେତ୍ରଧାରୀ ଦେବଙ୍କୁ ପୂଜା କରୁଛୁ, ଯେ ଜୀବନର ସୁରଭି ଏବଂ ସ୍ୱାସ୍ଥ୍ୟ ପ୍ରଦାୟକ । ହେ ପ୍ରଭୁ, ଯେମିତି ପକ୍ୱ ଫଳଟିଏ ବୃନ୍ତଚ୍ୟୁତ ହୁଏ, ସେହିପରି ଆମକୁ ବନ୍ଧନ ଏବଂ ମୃତ୍ୟୁରୁ ମୁକ୍ତ କରନ୍ତୁ ଏବଂ ଅମରତ୍ୱର ଅମୃତ ପ୍ରଦାନ କରନ୍ତୁ ।

*ମହାଦେବ*

ଯୋଗଶାସ୍ତ୍ରରେ ଭଗବାନ ଶିବଙ୍କୁ ଆଦିଯୋଗୀ ବା ଆଦିଗୁରୁ ରୂପେ ବିବେଚନା କରାଯାଏ । ସେ ହିଁ ଯୋଗ ବିଜ୍ଞାନର ପ୍ରଥମ ଏବଂ ସର୍ବଶ୍ରେଷ୍ଠ ଗୁରୁ । ସେ ଏକାଧାରରେ ଜଣେ ଆଦର୍ଶ ତ୍ୟାଗୀ (ବୈରାଗୀ) ଏବଂ ଆଦର୍ଶ ଭୋଗୀ (ଗୃହସ୍ଥ) ମଧ୍ୟ । ତାଙ୍କ ଉଦ୍ଗମ ସଭିଙ୍କୁ ଅଜଣା । କୈଳାସ ଶୃଙ୍ଗରେ ପଦ୍ମାସନରେ ଧ୍ୟାନସ୍ଥ ମହାଦେବ ବିଶ୍ୱର ସମସ୍ତ ଜାଗତିକ ଗତିବିଧିରୁ ଅପ୍ରଭାବିତ ଅବିଚଳିତ ରହନ୍ତି ବୋଲି କୁହାଯାଏ । ସମଗ୍ର ଶରୀର ଭସ୍ମ ପ୍ରଲେପିତ ଥାଏ । ଜଟାରେ ଶୋଭାପାଉଥିବା ଅର୍ଦ୍ଧଚନ୍ଦ୍ର, ଜୀବାତ୍ମା ଓ ପରମାତ୍ମାଙ୍କ ମିଳନର ଗୂଢ଼ଜ୍ଞାନକୁ ଉଜାଗର କରେ । ଗଳାରେ କୁଣ୍ଡଳୀ ମାରି ରହିଥିବା ସର୍ପ ଆମ ମାନଙ୍କ ଶରୀରର ସୁପ୍ତ ରହସ୍ୟମୟୀ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ଜଟାଜୁଟରୁ ନିର୍ଝରୀତା ପତିତପାବନୀ ମା ଗଙ୍ଗା, ଭକ୍ତ ମାନଙ୍କ ପାତକ ଶୁଦ୍ଧିକାରିଣୀ ଏବଂ ଚିରନ୍ତନ ମୋକ୍ଷ ଦାୟିନୀ ।

ମହାଦେବ ତ୍ରିନେତ୍ରଧାରୀ ତ୍ରିଲୋଚନ । ତାଙ୍କ କପାଳର ତୃତୀୟ ନେତ୍ର ଜ୍ଞାନ ଚକ୍ଷୁ ବୋଲି ବିବେଚନା କରାଯାଏ । ମହାଦେବଙ୍କୁ ନୀଳକଣ୍ଠ ବୋଲି ମଧ୍ୟ କୁହାଯାଏ । ଦେବାସୁରଙ୍କ ଦ୍ୱାରା ସମୁଦ୍ରମନ୍ଥନ ସମୟରେ ଉତ୍ପନ୍ନ ହଳାହଳ ବିଷ ପ୍ରଭାବରୁ ସଂସାରକୁ ରକ୍ଷା କରିବା ପାଇଁ ସେହି ଗରଳ ପାନକରି ମହାଦେବ ନୀଳକଣ୍ଠ ପାଲଟିଲେ । ଶମ୍ଭୁଙ୍କ ତ୍ରିଶୂଳ ପ୍ରକୃତିର ତିନି ଗୁଣ ସତ୍ତ୍ୱ, ରଜ ଓ ତମର ପ୍ରତୀକାତ୍ମକ । ସେ ଯୋଗର ଆଦିଗୁରୁ ଯୋଗେଶ୍ୱର, ପୁଣି ମହା ଈଶ୍ୱର ମହେଶ୍ୱର ଏବଂ ବ୍ରହ୍ମାଣ୍ଡର ମୂଳ ପଞ୍ଚମହାଭୂତର ଈଶ୍ୱର ବା ଭୂତେଶ୍ୱର ।

ବିଭିନ୍ନ ପୁରାଣ ବର୍ଣ୍ଣନାନୁସାରେ, ଭଗବାନ ଶିବ ତାଙ୍କ ଜ୍ଞାନ ପ୍ରଥମେ ତାଙ୍କ ପତ୍ନୀ, ଆଦିଶକ୍ତି ମା ପାର୍ବତୀଙ୍କୁ ପ୍ରଦାନ କରିଥିଲେ । ପ୍ରାଣୀ ମାନଙ୍କ ମଙ୍ଗଳ ପାଇଁ ଯୋଗବିଦ୍ୟା ବିଭିନ୍ନ ମୁନି ଋଷିଙ୍କୁ ପ୍ରଦାନ କରିଥିଲେ ଯେଉଁମାନେ ପରବର୍ତ୍ତି ସମୟରେ ସେହି ଜ୍ଞାନର ପ୍ରଚାର ପ୍ରସାର କରି ଜଗତ କଲ୍ୟାଣ ମାର୍ଗରେ ବ୍ୟବହାର କରିଥିଲେ । ସମସ୍ତ ପ୍ରକାର ଯୋଗ ଓ ତନ୍ତ୍ର ସାଧନା ପଦ୍ଧତିରେ ମହାଦେବଙ୍କୁ ପ୍ରଥମ ବା ଆଦିଗୁରୁ ରୂପେ ଗ୍ରହଣ କରାଯାଏ । ଏହି ସମସ୍ତ ଜ୍ଞାନ ଆମ ମାନଙ୍କ ପାଖରେ 'ଅଗମ ଶାସ୍ତ୍ର' ମାଧ୍ୟମରେ ପହଞ୍ଚି ପାରିଛି । ଏହି ସମସ୍ତ ଶିକ୍ଷାରୁ ବିଭିନ୍ନ ପରମ୍ପରାର ଉଦ୍ଗମ ହୋଇଥିଲା ଯାହା ଅଦ୍ୟାବଧି ପ୍ରଚଳିତ । ଯେପରିକି ନବ-ନାଥ ପରମ୍ପରା, ଯାହାକୁ ମତ୍ସେନ୍ଦ୍ରନାଥ, ଗୋରେଖନାଥ ଏବଂ ଅନ୍ୟ ସାତଜଣ ନାଥ ସମ୍ପ୍ରଦାୟ ଗୁରୁ ମିଳିତଭାବେ ପ୍ରତିଷ୍ଠା କରିଥିଲେ । କେତେକ ସ୍ଥଳେ ଗୋରେଖନାଥଙ୍କୁ ଭଗବାନ ଶିବଙ୍କ ଅବତାର ଭାବେ ବିଶ୍ୱାସ କରାଯାଏ । ନାଥ ପରମ୍ପରା ମୁଖ୍ୟତଃ ଉତ୍ତର ଭାରତରେ ପ୍ରଚଳିତ । ଦକ୍ଷିଣ ଭାରତରେ ସିଦ୍ଧ ଅଗସ୍ତିୟର ବା ଅଗସ୍ତ୍ୟ ମୁନି ଏହି ଜ୍ଞାନର ପ୍ରଚାର ପ୍ରସାର କରି ଯୋଗ, ତନ୍ତ୍ର, ଆୟୁର୍ବେଦ, ଚିକିତ୍ସା, ଜ୍ୟୋତିଷ ଶାସ୍ତ୍ର ଏବଂ ଅନ୍ୟାନ୍ୟ ବିଜ୍ଞାନରେ ସିଦ୍ଧ ସାଧକ ମାନଙ୍କ ଏକ ଗୋଷ୍ଠି ସୃଷ୍ଟି କରିଥିଲେ । ୧୮ ସିଦ୍ଧରଙ୍କ ପରମ୍ପରା ଦକ୍ଷିଣ ଭାରତରେ ଖୁବ୍ ଜଣାଶୁଣା ।

ଗୁରୁ ମହାଦେବଙ୍କ ଶିକ୍ଷାରେ ମୁକ୍ତି ପ୍ରାପ୍ତିର ଗୂଢଜ୍ଞାନକୁ ଦାର୍ଶନିକ ତର୍ଜମା ନୁହେଁ, ବରଂ ସିଧାସଳଖ ନିର୍ଦ୍ଦେଶାତ୍ମକ କୌଶଳ ମାଧ୍ୟମରେ ଶିଖିହୁଏ । ଶରୀର ଏବଂ ମନର ବନ୍ଧନରୁ ଆତ୍ମାକୁ ମୁକ୍ତ କରି, ପ୍ରକୃତି ସହିତ ଏକାତ୍ମ ହୋଇ କିପରି ସ୍ୱର୍ଗୀୟ ଆନନ୍ଦ ଲାଭ କରିହେବ, ତହିଁର ଉପାୟ ମୁଖ୍ୟତଃ

'ଶିବସୂତ୍ର' ଏବଂ 'ବିଜ୍ଞାନଭୈରବ ତନ୍ତ୍ର' ରୁ ମିଳିପାରେ । ମୁକ୍ତି ପ୍ରାପ୍ତିର ଏହି କୌଶଳ ଗୁଡ଼ିକ ଯୁଗ ଯୁଗ ଧରି ବିଭିନ୍ନ ଗୁରୁ ମାନଙ୍କ ଦ୍ୱାରା ପରିମାର୍ଜିତ ହୋଇ ଶିଷ୍ୟ ମାନଙ୍କୁ ମିଳିଚାଲିଛି । ତେଣୁ ଗୁରୁ-ଶିଷ୍ୟ ଭିଳି ଏକ ସୁନ୍ଦର ପରମ୍ପରା ମାଧ୍ୟମରେ ଯୋଗର ମହତ ଜ୍ଞାନ ପିଢ଼ୀ ପରେ ପିଢ଼ୀ ଆଗେଇ ଚାଲିଛି ।

ଭଗବାନ ଶିବଙ୍କୁ ଉଭୟ ସଗୁଣ ଓ ନିର୍ଗୁଣ, ସାକାର ଓ ନିରାକାର ରୂପରେ ବର୍ଣ୍ଣନା କରାଯାଏ । ସାକାର ରୂପରେ ତାଙ୍କୁ ତ୍ରିନାଥଙ୍କ ମଧ୍ୟରେ ଅନ୍ୟତମ, ଏକ ଶକ୍ତିଶାଳୀ ଦେବତା ଭାବେ ଗ୍ରହଣ କରି ବିଶେଷ ଶୈବ ଉପାସନା ପଦ୍ଧତି ସୃଷ୍ଟି ହୋଇଛି । ସାକାର ରୂପରେ ତାଙ୍କୁ ପ୍ରଳୟର ଦେବତା ବା ସୃଷ୍ଟିର ସହାଂର କର୍ତ୍ତା ବୋଲି ମାନ୍ୟ କରାଯାଏ । ଅନ୍ୟପକ୍ଷରେ ନିରାକାର ଶିବଙ୍କୁ ଲିଙ୍ଗ ରୂପରେ ପୂଜା କରାଯାଏ । ଯଦିଓ ନିରାକାରଙ୍କୁ କୌଣସି ଆକାର ଦିଆଯାଇ ପାରେନା, ତଥାପି ଗବାକ୍ଷାକାର (ଅଣ୍ଡାକାର ବା oval) ଶିବଲିଙ୍ଗଙ୍କୁ ସୃଷ୍ଟି ଆରମ୍ଭର ପ୍ରଥମ ସ୍ୱରୂପ ବା ଆକାର ଭାବେ ଗ୍ରହଣ କରାଯାଏ । ଶିବ ହେଉଛନ୍ତି ସଚେତନ ଅନ୍ତର୍ବୋଧୀ ଆତ୍ମଜ୍ଞାନର ଉତ୍ସ, ଯେଉଁଠୁ ଆଦ୍ୟାଶକ୍ତିଙ୍କ ସହଯୋଗରେ ସଚରାଚର ସୃଷ୍ଟିର ସଂରଚନା ହୋଇଥାଏ । ସ୍ରଷ୍ଟା ଏବଂ ସୃଷ୍ଟି ଭିଳି, ଶିବ ଏବଂ ଶକ୍ତି ମଧ୍ୟ ଏକ ଓ ଅଭିନ୍ନ । ସମଗ୍ର ସୃଷ୍ଟିର ତତ୍ତ୍ୱ ଶିବ ତାଣ୍ଡବରେ ସମାହିତ । ସମସ୍ତ ପ୍ରାଣୀ ଶିବଶକ୍ତିଙ୍କ କଲ୍ୟାଣକାରୀ ଆଶିର୍ବାଦ ପ୍ରାପ୍ତ ହୁଅନ୍ତୁ ।

http://www.cnslounge.com/writer/pratibha-priyadarshini/

## ଓଡ଼ିଆ ନବବର୍ଷ ବିଶେଷାଙ୍କ ପାଇଁ ଲେଖା ପଠାନ୍ତୁ ।

## ଲେଖା ପଠାଇବା ପାଇଁ ସୂଚନା ଶେଷ ପୃଷ୍ଠାରେ ଦିଆଯାଇଛି ।

**ମାର୍ଚ୍ଚ ଶେଷ ସୁଦ୍ଧା ଆପଣଙ୍କ ଲେଖା ଆମକୁ ମିଳିଯିବା ଦରକାର,**

**ତେବେ ହିଁ ଏହା ଆଗାମୀ ସଂସ୍କରଣରେ ସ୍ଥାନ ପାଇବ ।**

# ଥିଲି ଏକ ମାଆ

କମଳକାନ୍ତ ସୁବୁଦ୍ଧି



ସେ ଦିନ ଅନ୍ଧାର ରାତ୍ରୀ ଥିଲା, ଝଡ଼ ତୋଫାନ ସହ ବର୍ଷା ବି ହେଉଥିଲା । ଟୁକୁନା ଓ ତା' ସ୍ତ୍ରୀ ସୁଜାତା ଏକ ବନ୍ଧୁଘରେ ବିବାହ ଭୋଜି ଖାଇଦେଇ ନିଜ ଘରକୁ ଏକ ମୋଟର ଗାଡ଼ିରେ ଫେରୁଥିଲେ ।

ରାତ୍ରୀ ଅନେକ ହୋଇଯାଇଥିଲା, ବିଜୁଳି ଘଡ଼ଘଡ଼ି ସହ ତୁହାକୁ ତୁହା ବର୍ଷା ହେବା ହେତୁ ମଟର ସାଇକେଲଟି ତୀବ୍ର ବେଗରେ ଯାଇପାରୁନଥିଲା । ଠିକ୍ ସେଇ ସମୟରେ ଅଗ୍ରୀନକ ରାସ୍ତା ଉପରେ ବିଜୁଳୀ ଆଲୋକରେ କିଛି ଦେଖି ଟୁକୁନାର ଗାଡ଼ି ଅଟକି ଯାଇଥିଲା ।

ଗାଡ଼ି ଅଟକାଇବାର କାରଣ ଜାଣିବାପାଇଁ ସୁଜାତା ପ୍ରଶ୍ନ କରୁଥିଲା, କିଛି ଅସୁବିଧା ହୋଇଲା କି ବୋଲି କହୁଥିଲା । ଟୁକୁନା ଇଶାରାରେ ସୁଜାତାକୁ ରାସ୍ତାରେ ଆଗକୁ ଦେଖାଇ ଦେଉଥିଲା । ଆଗକୁ ଦେଖି ସୁଜାତା ଡରି ଯାଇଥିଲା । ଠିକ୍ ରାସ୍ତା ମଝିରେ ଠିଆ ହୋଇଥିଲା ଗୋଟିଏ ସ୍ତ୍ରୀଲୋକ । ସେ ଶୀଘ୍ର ଶୀଘ୍ର ପାଦ ପକାଇ ସେମାନଙ୍କ ଆଡ଼କୁ ହିଁ ଆସୁଥିଲା । ସୁଜାତା କହୁଥିଲା ଚାଲ ଶୀଘ୍ର ଏଠୁ ପଳାଇବା । କିଏ ଏତେ ରାତରେ ଏମିତି ଏକା ଏକା ବୁଲୁଛି ? କିନ୍ତୁ ଏହି ସମୟରେ ସ୍ତ୍ରୀ ଲୋକଜଣକ ଗାଡ଼ି ପାଖକୁ ଆସି ନେହୁରା ହୋଇ କହୁଥିଲା, ଭାଇ ମୁଁ ହାତ ଯୋଡ଼ି ଅନୁରୋଧ କରୁଛି, ମୋ ପିଲାକୁ ବଞ୍ଚାଅ । ବର୍ଷାରେ ଭାରସାମ୍ୟ ହରାଇ ଆମ ଗାଡ଼ି ରାସ୍ତା କଡ଼କୁ ଓଲଟି ପଡ଼ିଛି । ଦୟାକରି ମୋ ପିଲାକୁ ବଞ୍ଚେଇ ଦିଅ । ସେ ବହୁତ ଚିତ୍କାର କରି କାନ୍ଦୁଛି, ମୁଁ ହତଭାଗିନୀ କିଛି କରି ପାରୁନି । ସେ ସ୍ତ୍ରୀ ଲୋକଟା ଯେଉଁ ଆଡ଼କୁ ହାତ ଦେଖାଇ ଥିଲା, ସତରେ ସେଇ ଆଡ଼ରୁ କିଛି ଶବ୍ଦ ଶୁଣାଯାଉଥିଲା । ଟୁକୁନା ସେଇ ସ୍ତ୍ରୀ ଲୋକ କହିଥିବା ଦିଗରେ ଚାଲିଗଲା । ସତକୁ ସତ ରାସ୍ତା ପାର୍ଶ୍ୱରେ ଥିବା ନାଳରେ ଗାଡ଼ିଟିଏ ପଡ଼ିଥିଲା ଆଉ ସେଥିରେ ସାନ ଶିଶୁଟିଏ କାନ୍ଦୁଥିଲା । ଟୁକୁନା କାଳ ବିଳମ୍ବ ନ କରି ସେଇ ଶିଶୁକୁ ଉଠାଇ

ଆଣୁଥିବା ବେଳେ ଡ୍ରାଇଭର ସିଟରେ ବସିଥିବା ବ୍ୟକ୍ତି ଆଡ଼କୁ ଗ୍ଚହିଁଦେବା ପରେ ତା' ହୃଦକ୍ରୟା କଛି ସମୟ ପାଇଁ ବନ୍ଦ ହୋଇଗଲା ପରି ଲାଗିଲା । ସେଠାରେ ସେଇ ସ୍ତ୍ରୀ ଲୋକଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲା । କନ୍ତୁ ତା ଦେହରେ ପ୍ରାଣ ନଥିଲା । ଟୁକୁନା ପଛକୁ ବୁଲ ଗ୍ଚହିଁଲା, ସେହ ସ୍ତ୍ରୀ ଲୋକଜଣକ କେଉଁଠି ଦେଖା ଯାଉନଥିଲା ।

ସେ ବଳମ୍ବ ନକର ସେଠାରୁ ଶିଶୁଟିକୁ ନେଇ ସୁଜାତାକୁ ଦେଇ, ସେଠାରୁ ଯିବାପାଇଁ ବାହାରୁଥିବା ବେଳେ ସୁଜାତା ପ୍ରଶ୍ନ କରୁଥିଲା ସେହ ସ୍ତ୍ରୀଲୋକ କୁଆଡ଼େ ଗଲା ?

ଟୁକୁନା ଦୀର୍ଘଶ୍ୱାସ ନେଇ କହଲା, ସେ ତ ନାହିଁ, ନଜ ପୁଅକୁ ବଞ୍ଚାଇବାପାଇଁ କଛି କ୍ଷଣ ପାଇଁ ଆସିଥିଲା, ତା ଅମାନତକୁ ସୁରକ୍ଷିତ ବଞ୍ଚେଇ ଦେଇ ଗ୍ଚଲଗଲା, ଦୂରକୁ ବହୁ ଦୂରକୁ...

ଦୂରକୁ, କେଉଁଆଡ଼େ ? ସୁଜାତା ପଗ୍ଚରୁଥିଲା । ଟୁକୁନା କହଲା, ସେ ମାଆ ଥିଲା । ମରଯିବାପରେ ମଧ ସେ ଆମ ଗାଡ଼ି ଅଟଆଇ ନଜ ପିଲାକୁ ବଞ୍ଚେଇ ଦେଲା ।

ସେ ମାଆ ଥିଲା ।

ନଇରୀ, ଖୋର୍ଦ୍ଧା, ଓଡ଼ିଶା

ଆପଣଙ୍କର କେଉଁ ବନ୍ଧୁ ଲେଖାଲେଖି କରୁଛନ୍ତି କ ?
ଯଦ ହଁ ତାଙ୍କୁ ଆହ୍ୱାନ ଇ-ପତ୍ରିକା ପଢ଼ିବାକୁ ଦଅନ୍ତୁ, ଏବଂ ଉତ୍ସାହତ କରନ୍ତୁ ସେ ନଜ ଲେଖା ଆହ୍ୱାନ ଇ-ପତ୍ରିକାକୁ ପଠାଇବେ । ଆସନ୍ତୁ ଆମ ଭାଷା ଓ ସାହତ୍ୟର ସମୃଦ୍ଧିରେ ସହଭାଗୀ ହୁଅନ୍ତୁ ।

ଆମ ସହ ଯୋଗାଯୋଗ କରନ୍ତୁ ।

'ଆସ ଓଡ଼ିଆରେ ଲେଖିବା ପଢ଼ିବା ଓ ପଢ଼ାଇବା' ମନ୍ତ୍ରକୁ ସାକାର କରନ୍ତୁ ।

# କନ୍ୟା ଭୃଣହତ୍ୟା

ପ୍ରଭାତ ଗୁରୁ



ସେଦିନ କୌଣସି କାମରେ ମେଡ଼ିକାଲ ପାଖ ଦେଇ ଯାଉଥାଏ, ହଠାତ୍ ନଜର ପଡ଼ିଲା ମେଡ଼ିକାଲ ପରିସରରେ ଥିବା ଏକ ଗଛ ତଳେ କିଛି ଲୋକଙ୍କ ଗହଳି, କୋଳାହଳର ଦୃଶ୍ୟ । ଘଟଣା ବିଷୟରେ ଅଧିକ ଜାଣିବାପାଇଁ ମୁଁ ବି ସେଇ ଆଡ଼କୁ ଗଲି । ସେଠାରେ ପହଞ୍ଚି ଯାହା ଦେଖିଲି ମୋ ଲୋମ ଟାଙ୍କୁରି ଉଠିଲା । ସତରେ କଣ ଗୋଟେ ମାଆ ଏତେ ନିଷ୍ଠୁର ହୋଇପାରେ ? ଯିଏ ଦଶମାସ ଗର୍ଭରେ ଅତି ଆଦରରେ ଗର୍ଭଧାରଣ କରିଥାଏ, ସେ ନିଜ ଅନ୍ତପାତ ଜନ୍ମଦେଇଥିବା ଏକ ନବଜାତ ଶିଶୁକନ୍ୟାକୁ ସେଇ ଗଛମୂଳରେ ଥିବା ଅଳିଆ ଗଦାରେ ଫୋପାଡ଼ିଦେଇ ଚାଲିଯାଇପାରେ ? କେତେ ନିଷ୍ଠୁର ନୁହେଁ ସେ ?

କେହିଜଣେ ବୁଢ଼ୀ ମାଉସୀ ଉଚ୍ଚ ସ୍ୱରରେ କହୁଥାନ୍ତି, ହୁଁ ଝିଅ ଜନ୍ମିଛି ବୋଲି ଅଳିଆଗଦାରେ ଫୋପାଡ଼ି ଦେଇ ଚାଲିଗଲା ? ତତେ ଧର୍ମ ସହିବନି ଲୋ, ଚଣ୍ଡାଳୁଣୀ । ପୁଅ ହୋଇଥିଲେ ଘରକୁ ନେଇଥାନ୍ତା । ଛି ଛି ଛି । ସବୁ ଲୋକ ଆହା ଚୁଚୁ କରୁଥାନ୍ତି । ଛୋଟ ଶିଶୁଟି ଉଚ୍ଚ ସ୍ୱରରେ ଚିତ୍କାର କରି କାନ୍ଦୁଥାଏ । ଉପସ୍ଥିତ ସମସ୍ତ ଜନତା କେବଳ ମୂକ ଦର୍ଶକ ପରି ଚାହିଁ ରହିଥାନ୍ତି । କିଛି ସମୟ କରୁଣ ଚିତ୍କାର କରିବାପରେ ଶିଶୁଟି ନିର୍ବାକ ନିଶ୍ଚଳ ହୋଇଗଲା । ଭିଡ଼ ଭିତରୁ କେହିଜଣେ କହିଲା, ପିଲାଟା ମରିଗଲା କି ? ଆଉ ଜଣେ କହିଲା, ହଁ ବଞ୍ଚିଥାଇ କଣ କରିଥାନ୍ତା, ତା ଜନ୍ମ ଦେଇଥିବା ମାଆବାପା ତ ଫୋପାଡ଼ି ଦେଇ ଚାଲିଯାଇଥିଲେ । ବଞ୍ଚିଥାନ୍ତା ଆଉ କେମିତି ? କିଏ ତାକୁ ଦେଖିଥାନ୍ତା ? ଏମିତି ଦେଖୁ ଦେଖୁ ଗହଳି କମ ହୋଇଗଲା । ଦୂରରୁ ଆସୁଥିବା ପୋଲିସ ଗାଡ଼ିର ଶବ୍ଦ ଶୁଣି ଉଣାଅଧିକେ ସମସ୍ତେ ସେ ସ୍ଥାନରୁ ଚାଲିଗଲେ ।

ସେଇ ଗଛମୂଳରେ ପିଲାର ନିଶ୍ଚଳ ଶରୀର ଆକାଶକୁ ଚାହିଁରହି ପଡ଼ିଥିଲା । ଗଛ ଡାଳରେ କିଛି କୁଆ ରାବ ଦେଉଥିଲେ । କିଛି ଦୂରରେ ବୁଲା କୁକୁରଙ୍କ ଦଳ ପିଲାକୁ ଚାହିଁ ରହିଥିଲେ । ପୋଲିସ ଗାଡ଼ି ଆସିବାପରେ ରୀତିମତ ଢଙ୍ଗରେ ଶିଶୁର ଶବକୁ ବ୍ୟବଚ୍ଛେଦ କରିବାପାଇଁ ପଠାଇ ଦିଆଗଲା । ହିସପିଟାଲରେ ତଦନ୍ତ କରିବା ବେଳେ ସେଇ ରାତରେ କେହି ଝିଅ ଜନ୍ମ କରିଥିବା କଥା କୋଉଠି ବି ଦେଖିବାକୁ ମିଳିନଥିଲା । ତଦନ୍ତ କରୁଥିବା ପୋଲିସ ବାବୁ କହିଲେ, ବୋଧହୁଏ ସେ ପିଲାକୁ କୋଉ ପ୍ରାଇଭେଟ୍ ନର୍ସିଂ ହୋମରେ ଜନ୍ମ କରି ଏଇଠି ଆଣି ଫୋପାଡ଼ି ଦେଇଥିବ । ବାସ ଅପମୃତ୍ୟୁ ଘଟଣା ବୋଲି ରିପୋର୍ଟଟିଏ କରିଦେଲେ । କାମ ସରିଲା । ପୁଣି ସମସ୍ତେ ନିଜ ନିଜ ଦୁନିଆରେ ବ୍ୟସ୍ତ ହୋଇଗଲେ ।

ଏହି ସବୁ ଘଟଣାର ମୂକସାକ୍ଷୀ ମୁଁ କିନ୍ତୁ ଚିନ୍ତାରେ ପଡ଼ିଯାଇଥିଲି । ଝିଅ ଜନ୍ମ ହେବା କଣ ସତରେ ଏତେ ବଡ଼ ପାପ, ଯେ ତାକୁ ଜନ୍ମକରିଥିବା ମାଆଟେ ନିଜ ହୃଦୟକୁ ପଥର କରି ଏମିତି ଅଳିଆ ଗଦାରେ ଫୋପାଡ଼ି ଦେଇ ପାରେ ? ମେଡ଼ିକାଲର ଆଖପାଖରେ କୋଉଠିବି ପ୍ରାଇଭେଟ୍ ନର୍ସିଂ ହୋମ ନାହିଁ । ଅର୍ଥାତ ଶିଶୁଟି ନିଶ୍ଚୟ ଭାବେ ଏହି ମେଡ଼ିକାଲରେ ହିଁ ଜନ୍ମ ହୋଇଛି, ଅଥଚ ସରକାରୀ କାଗଜପତ୍ରରେ ଏହାର କିଛି ହିସାବ ହିଁ ନାହିଁ । ଏହିପରି ଏକ ଅପରାଧ ଯେ କେବଳ ସେ ଶିଶୁର ମାଆ କରିଛି କହିବା ଉଚିତ ହେବ ନାହିଁ, ମାଆ ସହି, ତା ବାପା, ସମାଜ, ସରକାରୀକଳ, ପୋଲିସ ସମସ୍ତେ ଦାୟୀ ।

ଯେ ପର୍ଯ୍ୟନ୍ତ ଆମେ ସଚେତନ ହେବାନାହିଁ, ପୁଅ ଓ ଝିଅଙ୍କୁ ସମାନ ବୋଲି କହିବା ନାହିଁ ଓ ସ୍ୱୀକାର କରିବା ନାହିଁ, ସେହି ଦିନ ଯାଏଁ ଏମିତି ଅନେକ ଘଟଣା ଘଟି ଚାଲୁଥିବ ।

# ଝିଅମାନେ କଣ ସତରେ ଅଲୋଡ଼ା ?

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବର୍ଷ ୨୦୦୩ର ଘଟଣା । ସେହିବର୍ଷ ମୁଁ ଓଡ଼ିଶାର ସୁବର୍ଣ୍ଣପୁର ଜିଲ୍ଲାର ତରଭା ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭାରପ୍ରାପ୍ତ ମେଡ଼ିକାଲ ଅଫିସର ଭାବରେ ଯୋଗ ଦେଇଥିଲି । ଦିନବେଳେ ହସପିଟାଲ୍ ବନ୍ଦ କରିଦେଇ ମୁଁ ତରଭା ଫେରି ଆସି ସେଠାରେ ରହୁଥିଲି । ଆମର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାରିଜଣ ଡାକ୍ତର ରହୁଥିଲେ, ସେମାନଙ୍କ ମଧ୍ୟରେ ମୁଖ୍ୟ ଅଧିକାରୀଙ୍କ ବ୍ୟତୀରେକ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଜଣେ ଶିଶୁରୋଗ ବିଶେଷଜ୍ଞ ଆଉ ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ ଥିଲେ । ଯଦି କୌଣସି ଡାକ୍ତର ଛୁଟିରେ ଯାଉଥିଲେ, ସେଠାରେ ମଧ୍ୟ ବେଳେ ବେଳେ ମୁଁ ରୋଗୀସେବାରେ ନିୟୋଜିତ ହେଉଥିଲି । ଏମିତି ସେଠାରେ କାମ କରୁଥିବା ବେଳେ ହଠାତ୍ ଆମର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତରଙ୍କ ବଦଳି ହୋଇଗଲା । ଆମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ୩-୪ଟା ପ୍ରସୂତି ବା ଶିଶୁ ଜନ୍ମ ହେଉଥିଲେ, ତେଣୁ ସେ ସବୁକୁ ଆଖିରେ ରଖି ମୁଖ୍ୟ ଚିକିତ୍ସାଧିକାରୀ ଚିନ୍ତିତ ହୋଇପଡ଼ିଲେ ।

ବଦଳି ହୋଇଯିବାପରେ ଡେଲିଭେରୀ ପାଇଁ ଅସୁବିଧା ହେଲା । ସେତେବେଳେ ମୁଁ ନୂଆ ନୂଆ ପୋଷ୍ଟିଂ ପାଇଥାଏ । ମୋତେ ଦିନେ ଡା ସେଠୀ ପଚାରିଲେ ଆପଣ ଡେଲିଭେରୀ କରିପାରିବେ ? ମୁଁ ଉତ୍ସାହର ସହ ହଁ ବୋଲି କହିବା ପରେ ସେ ମୋତେ ଲେବର୍ ରୁମ ଦାୟିତ୍ୱ ଦେଇଦେଲେ । ଏହାପରେ ମୋତେ ଦୈନିକ ୨୪ କିଲୋମିଟର ଯିବାକୁ ପଡ଼ିଲାନାହିଁ । ତରଭା ମେଡ଼ିକାଲରେ ଜଏନ୍ ହେଉଥିବା ସମସ୍ତ ପ୍ରସୂତୀଙ୍କ ପରୀକ୍ଷା ଏବଂ ଶିଶୁ ଜନ୍ମର ଦାୟିତ୍ୱ ମୁଁ ନେଇଥିଲି । ଯଦିଓ ମୁଁ ଏହି ବିଷୟରେ ବିଶେଷଜ୍ଞ ନଥିଲି, ତଥାପି ଅନ୍ତତଃ ଗାଁ ଧାଇଙ୍କ ଠାରୁ ତ ଭଲରେ ଶିଶୁ ଜନ୍ମ କରିପାରୁଥିଲି ।

ଦିନେ ମୁଁ ମୋ ନିଜ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଦ୍ୱିପହର ବେଳକୁ ଫେରି ନିଜ ଘରେ ବିଶ୍ରାମ କରୁଥିବା ବେଳେ ଡା ସେଠୀ ମୋତେ ଡକାଇ ପଠାଇଲେ । ମୁଁ ଶୀଘ୍ର ଯାଇ ପହଞ୍ଚିବା ବେଳକୁ ଲେବର ରୁମରେ ଦୁଇଟା ପ୍ରସୂତୀ ଆସନ୍ନପ୍ରସବା ଅବସ୍ଥାରେ ଅଛନ୍ତି । ମୋତେ ଭାରୀ କ୍ଲାନ୍ତ ଲାଗୁଥିବା ହେତୁ ସେହି ପ୍ରସୁତୀମାନଙ୍କୁ ବଲାଙ୍ଗୀର କିମ୍ବା ସୁବର୍ଣ୍ଣପୁର ପଠାଇ ଦେବାପାଇଁ କହିଲି । କିନ୍ତୁ ଦୁର୍ଭାଗ୍ୟବଶତଃ ସେତେବେଳକୁ ଆମ ସିଏଚ୍‌ସିର ଆମ୍ବୁଲାନ୍‌ସ ଖରାପ ଥିଲା । ତେଣୁ ଅନ୍ୟୋପାୟ ନ ପାଇ ମୁଁ ଡେଲିଭେରୀ କରିବାପାଇଁ ନିଜକୁ ପ୍ରସ୍ତୁତ କରିଲି । ଲେବର ରୁମରେ ପ୍ରସୁତୀ ଜଣକ ଚିତ୍କାର କରୁଥିବା ବେଳେ ରୁମ୍ ବାହାରେ ଅନ୍ୟୁନ ଦଶବାର ଜଣ ଲୋକ ଅନାଇ ରହିଥିଲେ । ମୁଁ ସେଇ ରୁମ ଭିତରକୁ ଯିବାବେଳେ ମୋତେ ଅଟକାଇ ଜଣେ କହିଲା, ‘ଆଜ୍ଞା ଆମ ପିଲାକୁ ଭଲରେ ଜନ୍ମ କରେଇ ଦିଅନ୍ତୁ, ମୁଁ ଆପଣଙ୍କୁ ଫିସ୍ ଦେବି ।’ ମୁଁ ତାଙ୍କ ମୁହଁକୁ ଚାହିଁ ଫାର୍ମାସିଷ୍ଟଙ୍କୁ ଚାହିଁଲି ବେଳକୁ ସେ ହସିଦେଇ କହିଲେ, ‘ସାର୍, ଡେଲିଭେରୀ କଲେ ଫିସ ଦିଅନ୍ତି । ଟଙ୍କା ଦି’ଶ ଦେବେ ଆଜ୍ଞା ।’ ମୁଁ କିଛି ନ କହି ଭିତରକୁ ଚାଲିଗଲି ।

ସୌଭାଗ୍ୟବଶତଃ ପ୍ରଥମ ପ୍ରସୂତୀର କୌଣସି ଅସୁବିଧା ନ ହୋଇ ଶିଶୁ ଜନ୍ମ ହୋଇଗଲା । ଶିଶୁ ଜନ୍ମ ହେବାପରେ ଦିଦି ଜଣକ ବାହାରକୁ ଯାଇ ପରିବାରକୁ ଜନ୍ମିତ ଶିଶୁ ବିଷୟରେ କହିଦେଇ ଆସିଲେ । ମୁଁ ଶିଶୁକୁ ମାଆ ପାଖରେ ଦେଇ ଷ୍ଟ୍ରେଚରରେ ଶୁଆଇଦେଇ ବାହାରକୁ ଆଣିବାପାଇଁ କହିଲି, ନିଜେ ବାହାରକୁ ଆସିବା ବେଳକୁ ବାହାରେ ଜଣେ ବି ଲୋକ ଦେଖା ନାହାନ୍ତି । କଥାକଣ, ସବୁ କୁଆଡ଼େ ଗଲେ ? ଫାର୍ମାସିଷ୍ଟ ମୁଣ୍ଡ ନୋଇଁ ବସିଥାଏ । ସେ ହସିଦେଇ କହିଲେ, ଝିଅଟେ ହେଲା ତ ଆଜ୍ଞା, ତେଣୁ ସବୁ ମନ ଦୁଃଖରେ ଚାଲିଗଲେ । ସଞ୍ଜ ହେଉ ହେଉ ଆସିବେ । ଆଶ୍ଚର୍ଯ୍ୟ ଝିଅଟେ ହେଲା ବୋଲି ସବୁ ଚାଲିଗଲେ ?

ଏହାପରେ ଦ୍ୱିତୀୟ ପ୍ରସୂତୀ ସହ ବି ସମାନ ଘଟଣା ହେଲା । ତାକୁ ନେଇ ଡେଲିଭେରୀ ରୁମକୁ ଗଲାବେଳେ ବାହାରେ କୋଡ଼ିଏ ପାଖାପାଖି ଲୋକଥିଲେ, କିନ୍ତୁ ବାହାରିବା ବେଳକୁ ଜଣେ ବି ଦେଖା ନାହିଁ । ସରକାର ପୁଅ ଓ ଝିଅ ସମାନ କହି ଅନେକ କାର୍ଯ୍ୟକ୍ରମ କରୁଥିଲେ ସୁଦ୍ଧା ଏହି ଲୋକମାନେ ଝିଅକୁ ଏତେ ଅନାଦର କାହିଁକି କରୁଥିଲେ ବୁଝିବା କଷ୍ଟ ହେଉଥିଲା । ଜନ୍ମ କରିବା ପରେ ଏକା ସେ ସ୍ତ୍ରୀ ଲୋକ ଦୁଇଜଣ ହସପିଟାଲରେ ବେଡ଼ରେ ଝିଅଙ୍କୁ ଧରି ବସିଥିବାର ଦୃଶ୍ୟ ଦେଖି ମୋତେ ବହୁତ ଦୟା

ଆସିଥିଲା, ଦୁଃଖ ବ ଲାଗିଥିଲା ।

ପୁଅଟିଏ ଜନ୍ମ ହେଲେ କୂଳ ବଢ଼ିବ, ବାପାମାଆଙ୍କ ତୁଣ୍ଡରେ ପାଣିଦେବ । ସେ ଶ୍ରାଦ୍ଧ କଲେ ପିତାମାତାଙ୍କ ଆତ୍ମାକୁ ଶାନ୍ତି ମିଳବ ବୋଲି ଅନେକ କଥା ଆମ ସମାଜରେ ପ୍ରଚଳତ ରହଥିବା ହେତୁ ସମସ୍ତେ ପୁଅମାନଙ୍କୁ ଅଧିକ ସ୍ନେହ ଦେଉଥିବା ସମୟରେ ଝିଅମାନଙ୍କୁ ବସ୍ତୁତଃ ଅଲୋଡ଼ା କରଦେଇଛନ୍ତି । ପୁଣି ଯୌତୁକ ପ୍ରଥା, ନାରୀ ନର୍ଯ୍ୟାତନା ଆଦ ଅନେକ ପ୍ରଥା ହେତୁ ଝିଅକୁ ଜନ୍ମ ଦେବାକୁ ଅନେକ କୁଣ୍ଠାବୋଧ କରନ୍ତି । ଜଣେ ଉଚ୍ଚଶିକ୍ଷିତ ବନ୍ଧୁ କହଲେ,

-ଯାହା ହେଲେ ବ ଭାଇ, ଝିଅ ଟେ ଜନ୍ମ ହେଲେ ତା ପାଠପଢ଼ା ବାହାଘର ଏ ସବୁ ଚନ୍ତା ଲାଗି ରହବ ନା ?

- ତା ମାନେ ପୁଅମାନେ କଣ ଆଉ ପାଠ ପଢ଼ିବେନ ? ନା ବାହା ହେବେନ ?

- ହେ ହେ ହେ । ଆରେ ପୁଅ ବାହା ହେଲେ ସମ୍ପତ୍ତି ଆଣିବ । ତୁମେ ଅର୍ଜିଥିବା ସମ୍ପତ୍ତି ଭୋଗ କରବ । ଝିଅମାନେ ଗ୍ଭଲଯିବେ ନା । ଗଲାବେଳେ ବ ସମ୍ପତ୍ତି ନେଇ ଯିବେ ।

- ଓହ୍ ତା ମାନେ ଝିଅର ମୂଲ୍ୟ ସମ୍ପତ୍ତି ଆଗରେ କଛି ନାହିଁ ?

- ଛାଡ଼ ଭାଇ ତୁମକୁ ବୁଝେଇ ପାରବନ । ଯାହାର ପୁଅ ନାହିଁ, ତାହାର କେହନାହିଁ ।

ଯଦ ଆମର ଉଚ୍ଚ ଶିକ୍ଷିତ ବନ୍ଧୁମାନେ ଏମିତ କଥା କହବେ ତା ହେଲେ ଗାଁ ଗଣ୍ଡାରୁ ଆସିଥିବା ଅଳ୍ପଶିକ୍ଷିତ ଗାଉଁଲି ଲୋକମାନେ କାହିଁକ ବା ଝିଅରମୂଲ୍ୟ ବୁଝିବେ । ଏଇ ଦେଶର ଝିଅମାନେ ମହାକାଶକୁ ଗଲେଣି । ଉଡ଼ାଜାହାଜ ଉଡ଼େଇଲେଣି, ଯୁଦ୍ଧ କ୍ଷେତ୍ରରେ ପୁଅଙ୍କ ସହ ମିଶି ସାହସିକତାର ପ୍ରଦର୍ଶନ କଲେଣି, ତଥାପି ଝିଅକୁ ଅଲୋଡ଼ା ବୋଲି କହବାକୁ ଲୋକ କମ ନାହାନ୍ତି ।

ଯେଉଁ ଭାବରେ ଦନକୁ ଦନ କନ୍ୟାଭ୍ରୂଣ ହତ୍ୟା ହେଉଛି, ଦନ ଆସିବ ପୁଅମାନଙ୍କ ଯୋଗ୍ୟ ଝିଅଟିଏ ପାଇବା ସ୍ୱପ୍ନ ହୋଇଯିବ । ଯେତେବେଳେ ମାଆ, ସ୍ତ୍ରୀ, ଭଉଣୀ ନଥିବେ ସେତେବେଳେ ସମାଜ କେମିତ ଲାଗିବ ।

ବୀମା ନଗର, ବ୍ରହ୍ମପୁର-୧୦, ଓଡ଼ିଶା

ଫୋନ୍ - ୯୦୪୦୯୮୫୪୭୩

# ଓଡ଼ିଆ ସାହତ୍ୟର ଇତହାସ

ଗବେଷିକା ରଞ୍ଜିତା ପାତ୍ର



ଯାହା ସମସ୍ତଙ୍କର ହତ ସାଧନ କରେ ତାହା ହିଁ ସାହତ୍ୟ । ଜ୍ଞାନଅର୍ଜନ ପୂର୍ବକ ଅଜ୍ଞାନ ଅହଙ୍କାରକୁ ଦୂର କରବାରେ ସାହତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହଛ । ଜୀବନକୁ ଅନୁଭବ କରବାର ଅନ୍ୟ ଏକ ମାଧ୍ୟମ ହେଇଛ ସାହତ୍ୟ । ସାହତ୍ୟର ସଂଜ୍ଞା ଦେବାକୁ ଯାଇ ନାନା ମୁନ ନାନା ମତ ପ୍ରଦାନ କରଛନ୍ତ । ତେବେ ସାହତ୍ୟ ସମ୍ପର୍କରେ ସ୍ୱତଃ ଅନେକ ପ୍ରଶ୍ନ ଆସେ । ସାହତ୍ୟ କଣ ? ସାହତ୍ୟ କାହିଁକ, କେମିତ ଓ କପର ସୃଷ୍ଟି ହେଲ୍ ? ଏ ସବୁର ଉତ୍ତର ଖୁବ୍ ସରଳ ନ ହେଲେ ମଧ୍ୟ ଅତ ଜଟିଳ ମଧ୍ୟ ନୁହେଁ । ପ୍ରତ୍ୟେକ ମଣିଷ ଆନ୍ତରକତାର ସହତ ଏ ସବୁର ଉତ୍ତର ଖୋଜବସିଲେ ଉତ୍ତର ପାଇବା ଜଟିଳ ହେବ ନାହିଁ ।

ମଣିଷ ଯେତେବେଳେ ବଣଜଙ୍ଗଲରେ ବସବାସ କରୁଥିଲ୍, ଫଳମୂଳ ସଂଗ୍ରହ କର କ୍ଷୁଧା ମେଣ୍ଟାଉଥିଲ୍ । ସେହ ଆଦମ କାଳରୁ ଆଜପର୍ଯ୍ୟନ୍ତ ବକାଶ ପଥରେ ଯାତ୍ରୀ ହୋଇ ବର୍ତ୍ତମାନରେ ଦଣ୍ଡାୟମାନ ହୋଇଛ । ସେହ ବକାଶ ପାଇଁ ବହୁ ସମୟ ଓ ଶ୍ରମ ଉପଯୋଗ ଓ ନଷ୍ଟ ହୋଇଛ । ଠକ୍ ସେହପର ସାହତ୍ୟ ସୃଷ୍ଟିର ପଥ କେଉଁ ଆଦମ କାଳରୁ ଆଜ ପର୍ଯ୍ୟନ୍ତ ଗତ କର ଆସିଛ । ମାତ୍ର ଲଖିତ ରୂପ ଗ୍ରହଣ କରବା ପୂର୍ବରୁ ମୌଖିକ ଭବରେ ସାହତ୍ୟର ରୂପ ପ୍ରକାଶ ପାଇଥିଲ୍ ବୋଲ୍ କହହେବ । ଗୁରୁକୁଳ ଆଶ୍ରମରେ ମୌଖିକ ବଦ୍ୟା ଅଧ୍ୟୟନର ପରମ୍ପରା ଏହାର ଉଦାହରଣ । ବଭନ୍ନ ଲୋକଗୀତ, ଲୋକକଥା, କାହାଣୀ, ଢଗଢ଼ମାଳୀ, ପ୍ରବାଦ, ପ୍ରବଚନ ଆଦ ମୌଖିକ ସାହତ୍ୟର ଉଦାହରଣ । ଜୀବନ କ୍ଷେତ୍ରରେ ଏହ ମୌଖିକ ସାହତ୍ୟର ଆବଶ୍ୟକତା ଓ ଉପଯୋଗୀତା ଖୁବ୍ ଅଧିକ । ଦୈନନ୍ଦନ ଜୀବନରେ ଏହ ମୌଖିକ ସାହତ୍ୟ ଜୀବନକୁ ଜଟିଳରୁ ସରଳ କରବାରେ ବଶିଷ୍ଟ ଭୂମିକା ତୁଲାଇ

ଆସିଛି । ଏହି ମୌଖିକ ସାହିତ୍ୟର ଅନ୍ୟନାମ ଲୋକସାହିତ୍ୟ । ସାହିତ୍ୟର ବିକାଶଧାରାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଯଥା;

(କ) ମୌଖିକ ସାହିତ୍ୟ

(ଖ) ଲିଖିତ / ଲିପିବଦ୍ଧ ସାହିତ୍ୟ

ଲିଖିତ ସାହିତ୍ୟ ସୃଷ୍ଟି ହେବାର ବହୁ ପୂର୍ବରୁ ମୌଖିକ ସାହିତ୍ୟର ସୃଷ୍ଟି । ଅନେକ କାହାଣୀ, ଗୀତ, ଲୋକ ମୁଖରୁ ଲୋକ ମୁଖକୁ ସମୟାନୁସାରେ ପ୍ରସାରିତ ହୋଇ ଆସିଛି । ଏହି ମୌଖିକ ସାହିତ୍ୟକୁ ଆମେ ଲୋକ ସାହିତ୍ୟ ସମେତ ପଲ୍ଲୀ ସାହିତ୍ୟ, ଗ୍ରାମ୍ୟ ସାହିତ୍ୟ ବା ଲଘୁ ସାହିତ୍ୟ ବୋଲି ଗ୍ରହଣ କରିଥାଉ ।

ମୌଖିକ ସାହିତ୍ୟର ଜନ୍ମଲଗ୍ନ ; -

ମୌଖିକ ସାହିତ୍ୟ ମୁଖରୁ ମୁଖକୁ ଗତି କରୁଥିବାରୁ ଏହାର ସୃଷ୍ଟି ସମୟ ନିରୂପଣ କରିବା ସମ୍ଭବ ନୁହେଁ । ମାତ୍ର ବୈଦିକ ଯୁଗରେ ଗୁରୁଶିଷ୍ୟ ପରମ୍ପରା ଲୋକ ସାହିତ୍ୟକୁ ବଳିଷ୍ଠ କରିଥାଇ ପାରେ ବୋଲି ଗବେଷକମାନେ ମତ ଦିଅନ୍ତି । ଗୁରୁଜନଙ୍କ ମୁଖ ନିସୃତ ବେଦ, ଉପନିଷଦ, ଗଳ୍ପାଦି ଶିଷ୍ୟମାନେ ମୁଖସ୍ତ କରୁଥିଲେ । ଏବଂ ଶିକ୍ଷାକୁ ସରଳ କରିବାପାଇଁ ଏହି ସବୁ ପ୍ରକାରର ସାହିତ୍ୟକୁ ଗୀତିକବିତା ଆକାରରେ କୁହାଯାଉଥିବ ବୋଲି ଧରି ନିଆଯାଉ । ଯାହା ସରଳ ଥିଲା ଏବଂ ଶିଷ୍ୟମାନେ ମୁଖସ୍ତ କରିବାରେ ସହାୟକ ହେଉଥିଲା । ଏହା ଦ୍ୱାରା ବଂଶାନୁକ୍ରମିକ ଭାବରେ ସାହିତ୍ୟର ବୃଦ୍ଧି ହୋଇ ଚାଲିଥିଲା । କିନ୍ତୁ ମୌଖିକ ଭାବରେ ଗୋଟିଏ ମୁଖରୁ ଅନ୍ୟର ମୁଖକୁ ଯିବା ସମୟରେ ବେଳେ ବେଳେ ସାହିତ୍ୟ ବିଶାଳ ହୋଇଥିବା ବେଳେ ସ୍ଥଳ ବିଶେଷରେ ଏହା ସଂକୁଚିତ ମଧ୍ୟ ହୋଇଥିବ । ଏହି ସବୁ ସାହିତ୍ୟର ରଚୟିତା କିଏ ଥିଲେ ସେ ବିଷୟରେ କହିବା ସମ୍ଭବ ନୁହେଁ । କିନ୍ତୁ ଅନେକ ବ୍ୟକ୍ତି ଏହାର ରଚୟିତା ବୋଲି କାଳକ୍ରମରେ ଦାବୀ କରି ଆସିଛନ୍ତି । ସେ ଯା ହେଉ ମୁଖରୁ ମୁଖକୁ ସାରା ଜଗତ ବିଚରଣ କରୁଥିବା ହେତୁ ଏହା ଜନପ୍ରିୟ ହୋଇପାରିଥିଲା । ତେବେ ଲୋକସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା ହେଉଛନ୍ତି ସାଧାରଣ ଲୋକମାନେ ଯେଉଁମାନେ ବିଚକ୍ଷଣ ପ୍ରତିଭା ଦ୍ୱାରା ସାହିତ୍ୟ ସୃଷ୍ଟି କରିପାରୁଥିଲେ ।

ଏହି ସାହିତ୍ୟ ସମସ୍ତଙ୍କର ଏବଂ ସମସ୍ତେ ଏହାର ସ୍ରଷ୍ଟା । ପୁଣି ଏହା ସମାଜର ମଙ୍ଗଳ ହେତୁ ସୃଷ୍ଟି ହୋଇଥିଲା, ଏଥିରେ ଦ୍ୱିମତ ନାହିଁ । ତେଣୁ ଲୋକ ସାହିତ୍ୟର ଜନ୍ମ ଲଗ୍ନରୁ ଓଡ଼ିଆ ସାହିତ୍ୟର ଜନ୍ମ ହୋଇଛି ବୋଲି ଆମେ କହିପାରିବା ।

ଲୋକ ସାହିତ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇ ବିସ୍ତୃତ ଭାବରେ ଆଲୋଚନା କରାଯାଇ ପାରେ । ଯଥା;

(କ) ଲୋକ କାହାଣୀ / ଲୋକକଥା

(ଖ) ଲୋକ ଗୀତ / ସଂଗୀତ

(ଗ) ଲୋକ ନାଟକ

*ଲୋକ କାହାଣୀ : -*

କଥାଟିଏ କହୁଁ

କଥାଟିଏ କହୁଁ

କିସ କଥା ?

ବେଙ୍ଗୁଲି କଥା,

କିସ ବେଙ୍ଗୁଲୀ ?

କାଠ ବେଙ୍ଗୁଲୀ....

ଏହିପରି ଭାବରେ ଆରମ୍ଭ କରେ ବୁଢ଼ୀମା । କଥାରେ ଅଛି, କହି ଜାଣିଲେ କଥା ସୁନ୍ଦର, ବାନ୍ଧିଜାଣିଲେ ମଥା ସୁନ୍ଦର । ତେଣୁ ବୁଢ଼ିମା'ର କଥା ଗୁଡୁରୀ କୁନି କୁନି ନାତି ନାତୁଣୀଙ୍କୁ ଆକୃଷ୍ଟ ଓ ପ୍ରଭାବିତ କରିଥାଏ ।

ଗଳ୍ପ ଶୁଣିବାର ପ୍ରବୃତ୍ତି ଆମକୁ ଶୈଶବ କାଳରୁ ଆନନ୍ଦ ଦେଇ ଆସିଛି । ତେଣୁ ଶୁଣିବା କାହାଣୀ

ହେଉ କିମ୍ବା ନିଜେ ସୃଷ୍ଟି କରିଥିବା କାହାଣୀ ହେଉ ପରବର୍ତ୍ତୀ ସମୟରେ ଆମେ ଅନ୍ୟମାନଙ୍କୁ ଶୁଣାଇବାକୁ ଇଚ୍ଛା କରିଥାଉ, ଆଉ ଏହିପରି ପୀଢ଼ି ପରେ ପୀଢ଼ି କଥା ବା କାହାଣୀ ଆଗେଇ ଯାଏ । ସାଧାରଣ ବୁଢ଼ୀମାଆ ଠାରୁ ବୁଦ୍ଧିଜୀବିଯାଏଁ, ବାଳକ ଠାରୁ ବୃଦ୍ଧ ଯାଏଁ, ଲୋକକାହାଣୀ ମଧ୍ୟକୁ ସମସ୍ତଙ୍କର ଅବାଧ ପ୍ରବେଶ ।

ଲୋକ କାହାଣୀ ବିଭିନ୍ନ ବିଷୟ ଓ ଘଟଣାବଳୀକୁ ନେଇ ସମୃଦ୍ଧ । କେତେବେଳେ ମାନବ ସମାଜକୁ ନେଇ ତ କେତେବେଳେ ପଶୁପକ୍ଷୀକୁ ନେଇ, କେତେବେଳେ ପୌରାଣିକ କଥାବସ୍ତୁକୁ ନେଇ ତ କେତେବେଳେ ଇତିହାସ ଓ କିମ୍ବଦନ୍ତୀକୁ ନେଇ, ତ ପୁଣି କେତେବେଳେ ଓଷାବ୍ରତକୁ ନେଇ ଲୋକକାହାଣୀର ସୃଷ୍ଟି / ରଚନା ହୋଇଛି ।

ବୌଦ୍ଧ ଯୁଗରେ ବହୁଚର୍ଚ୍ଚିତ ଗଳ୍ପ 'ଜାତକ ଗଳ୍ପ' ନାମରେ ରଚିତ ହୋଇଥିଲା । ପଞ୍ଚତନ୍ତ୍ର, ବେତାଳ ପଞ୍ଚବିଂଶତି, ବତ୍ରିଶ ସିଂହାସନ କଥା, ଦଶକୁମାର ଚରିତ ଆଦି ବହୁ ରୋମାଞ୍ଚକର ଓ ରହସ୍ୟମୟ କାହାଣୀ ଲୋକକାହାଣୀର ପର୍ଯ୍ୟାୟଭୁକ୍ତ ।

ପ୍ରାଥମିକ ଭାବରେ ପ୍ରକାଶିତ କେତେକ ଲୋକ କାହାଣୀର ସୃଷ୍ଟି ବିଷୟ ନିମ୍ନରେ ପ୍ରଦାନ କରାଗଲା ।

ଉତ୍କଳ କାହାଣୀ - ଗୋପାଳ ଚନ୍ଦ୍ର ପ୍ରହରାଜ

କଥା ଲହରୀ ବା ଉତ୍କଳ କାହାଣୀ ସଂଗ୍ରହ - ଜନୈକା କରଣ ମହିଳା

ଉତ୍କଳ କାହାଣୀ ଦର୍ପଣ - ଶ୍ରୀ ରାଧାଚରଣ ମହାପାତ୍ର

ଫୋକ୍ ଟେଲ୍ସ ଅଫ୍ ଓଡ଼ିଶା - ଉପେନ୍ଦ୍ର ନାରାୟଣ ଦାସଗୁପ୍ତ

ଓଡ଼ିଆ ଲୋକଗୀତ ଓ କାହାଣୀ - କୁଞ୍ଜବିହାରୀ ଦାସ

ଲୋକଗଳ୍ପ ସଞ୍ଚୟନ - କୁଞ୍ଜବିହାରୀ ଦାସ

ପରବର୍ତ୍ତୀ ସମୟରେ ଲୋକକାହାଣୀକୁ ନେଇ ବହୁ ଗବେଷଣାତ୍ମକ ଲେଖା ପ୍ରକାଶିତ ହୋଇଛି ।

କେବଳ ଓଡ଼ିଆ ଭାଷାରେ ନୁହେଁ ବରଂ ଅନ୍ୟାନ୍ୟ ସମସ୍ତ ଭାଷାରେ ଲୋକକାହାଣୀ ସଂଗୃହୀତ ହୋଇ ପ୍ରକାଶିତ ହୋଇଛି । ଏଥିରୁ ଲୋକକାହାଣୀର ଲୋକପ୍ରିୟତା ପ୍ରମାଣିତ ।

*ଲୋକଗୀତ : -*

ସଂଗୀତର ମଧୁର ସ୍ପର୍ଷ, ମନ ଓ ହୃଦୟକୁ ଉଲ୍ଲସିତ କରଥାଏ । ସଂଗୀତର ସ୍ପର୍ଶରେ କ୍ରୁର ସର୍ପଟିଏ ମଧ୍ୟ ବିମୋହିତ ହୋଇପଡ଼େ । ମଣିଷ ତାର ସୁଖ ଦୁଃଖ ମୁହୂର୍ତ୍ତରେ ଭିନ୍ନ ଭିନ୍ନ ପ୍ରକାରର ସଂଗୀତ ଗାଇଥାଏ । କାରଣ ସଂଗୀତ ଜୀବନକୁ ଉପଲବ୍ଧ କରାଇଦିଏ । ସୁଖଦୁଃଖର ଉର୍ଦ୍ଧ୍ୱକୁ ଉଠିଯାଇ ପ୍ରାଣରେ ଆନନ୍ଦ ଖେଳାଇ ଦିଏ । ତେଣୁ କେଉଁ ଆଦିମ କାଳରୁ ଲୋକଗୀତର ସୃଷ୍ଟି ହୋଇଛି । ଶୈଶବରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ଅବସ୍ଥା ପାଇଁ ଭିନ୍ନ ଭିନ୍ନ ଲୋକଗୀତ ସୃଷ୍ଟି ହୋଇଛି । ସେଥିମଧ୍ୟରୁ କିଛି ଉଦାହରଣ ଏଠାରେ ଦିଆଗଲା ।

=> ଅବୁଝା ଅମାନିଆ ଶିଶୁକୁ ବୁଝାଇବା ପାଇଁ ବହୁ ଲୋକ ଗୀତର ସୃଷ୍ଟି ହୋଇଛି । ସାଧାରଣତଃ ଶିଶୁଙ୍କୁ ଶୁଆଇବା ଏବଂ ଖାଦ୍ୟ ଦେବା ବେଳେ ଏହି ସବୁ ଗୀତକୁ ମାଆ ଓ ଜେଜେମାଆ ମାନେ ଗାଇ ଶୁଣାଇଥାନ୍ତି । ଏହାକୁ ନାନାବାୟା ଗୀତ ବୋଲି କୁହାଯାଏ ।

=> ବିବାହ ସମୟରେ ନାରୀର ମାନସିକ ବେଦନାକୁ ନେଇ ବହୁ ଗୀତର ସୃଷ୍ଟି ହୋଇଛି । ଏହି ଗୀତ ଗୁଡ଼ିକର ମାର୍ମିକତା ଆଜିମଧ୍ୟ ଉପଲବ୍ଧି କରିହୁଏ । ଏହି ସବୁ ଗୀତ ସମ୍ପୂର୍ଣ୍ଣ ଓଡ଼ିଶାରେ ପ୍ରଚଳିତ ହୋଇଥିଲେ ସୁଦ୍ଧା ଦକ୍ଷିଣ ଓଡ଼ିଶାର ପୁରପଲ୍ଲୀରେ କାନ୍ଦଣା ଗୀତ ଭାବରେ ମଧ୍ୟ ପ୍ରସିଦ୍ଧି ମିଳିଛି ।

=> ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ । ଏହି ପର୍ବ ପାଳନ ଅବସରରେ ମଧ୍ୟ ଅନେକ ଲୋକ ଗୀତର ସୃଷ୍ଟି ହୋଇଛି । ବର୍ଷର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବ ପାଳନ ବେଳେ ଏହି ସବୁ ଗୀତ ଗାଇବାର ପରମ୍ପରା ରହିଛି ।

ରଜ ଦୋଳି ଗୀତ, ଖୁଦୁରୁକୁଣୀ ଓଷା, ଜହ୍ନି ଓଷା, କୁମାର ପୂର୍ଣ୍ଣିମୀ ଗୀତ ଆଦି ଅନେକ ଲୋକଗୀତ ଓଡ଼ିଶାର ସମସ୍ତ ପୁରପଲ୍ଲୀରେ ଶୁଣିବାକୁ ମିଳିଥାଏ । କିଶୋର କିଶୋରୀମାନେ ଏହି ସବୁ ଗୀତକୁ ପରମ୍ପରାଗତ ଭାବରେ ନିଜଠାରୁ ବୟସ୍କ ମାନଙ୍କ ଠାରୁ ପାଇଥାନ୍ତି ।

=> କୃଷକ ଟିଏ ହେଉ ବା ଯୋଗୀଟିଏ ହେଉ, କର୍ମପ୍ରବଣତା ଓ ଆନନ୍ଦ ଲାଭ ଉଦ୍ଦେଶ୍ୟରେ ବହୁ ଲୋକଗୀତର ସୃଷ୍ଟି କରାଯାଇଛି । ଏହି ସବୁକୁ ହଳିଆ ଗୀତ, ଯୋଗୀ ଗୀତ ଆଦି ନାମରେ ନାମିତ କରାଯାଇଛି ।

=> ଦଶହରା, ଦୋଳ ପୂର୍ଣ୍ଣିମାରେ ପାଇକମାନେ ସଂଗୀତର ତାଳେ ତାଳେ ନୃତ୍ୟଗୀତ କରିଥାନ୍ତି । କିନ୍ତୁ ସମୟ କ୍ରମେ ସେ ସବୁ ବିଲୋପ ହେବାକୁ ବସିଲାଣି ।

ଚକ୍ରଧର ମହାପାତ୍ରଙ୍କ ରଚିତ 'ଉତ୍କଳ ଗାଉଁଲି ଗୀତ'ରେ ପାଇକ ମାନଙ୍କ ଦ୍ୱାରା ପ୍ରଚଳିତ ଅନେକ ଲୋକଗୀତର ଉଦ୍ଧୃତାଂଶ ରହିଛି ।

=> ଓଡ଼ିଆରେ ପ୍ରଚଳିତ ବହୁ ପ୍ରବାଦ, ପ୍ରବଚନ ଏହି ଲୋକଗୀତର ପର୍ଯ୍ୟାୟ ଭୁକ୍ତ ।

ପ୍ରକାଶିତ ଲୋକଗୀତର ପୁସ୍ତକ ଲୋକସାହିତ୍ୟର ଏହି ବିଭାଗକୁ ବଳିଷ୍ଠ କରିଛି । ପ୍ରକାଶିତ ପୁସ୍ତକ ମଧ୍ୟରେ

୧୮୭୨ ଖ୍ରୀଷ୍ଟାବ୍ଦରେ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦଶର୍ମାଙ୍କ ଦ୍ୱାରା ଓଡ଼ିଆ ଲୋକ ସାହିତ୍ୟର ପ୍ରଥମ ସଂକଳନ କାର୍ଯ୍ୟ ଆରମ୍ଭ ହେଲା । ୧୯୩୯ ମସିହାରେ ଚକ୍ରଧର ମହାପାତ୍ରଙ୍କ ଦ୍ୱାରା ସଂଗୃହୀତ ଗୀତ ଗୁଡ଼ିକ 'ଉତ୍କଳ ଗାଉଁଲି ଗୀତ ଚୁମ୍ବକ' ନାମରେ ପ୍ରକାଶିତ ହୋଇଛି । ଏହି ପୁସ୍ତକଟିର ପ୍ରକାଶନ ହେତୁ ଆବଶ୍ୟକ ସମସ୍ତ ଅର୍ଥକୁ ତତ୍‌ସମୟରେ କେନ୍ଦୁଝରର ରାଣୀ ଯୋଗାଇ ଦେଇଥିଲେ । ୧୯୪୬ ମସିହାରେ 'ବୋହୁଙ୍କ ସୁଖଦୁଃଖ ଗୀତିକା' ନାମରେ ଚକ୍ରଧର ମହାପାତ୍ରଙ୍କ ଦ୍ୱାରା ଆଉ ଗୋଟିଏ ପୁସ୍ତକ ପ୍ରକାଶିତ ହୋଇଛି । ୧୯୫୮ ମସିହାରେ 'ଉତ୍କଳ ଗାଉଁଲିଗୀତ' ତାଙ୍କର ଅନ୍ୟ ଏକ ଗବେଷଣାତ୍ମକ ପୁସ୍ତକ ଲୋକସାହିତ୍ୟର ଭଣ୍ଡାରକୁ ସମୃଦ୍ଧ କରିଛି ।

ଲୋକଗୀତର ସଂଗ୍ରହ ଓ ପ୍ରକାଶନ ଦିଗରେ ଲୋକରତ୍ନ କୁଞ୍ଜବିହାରୀ ଦାସଙ୍କ ଅବଦାନ ବହୁତ ଅଧିକ ।

୧୯୪୮ ମସିହାରେ 'ପଲ୍ଲୀପୁଷ୍ପ'

୧୯୫୦ ମସିହାରେ 'ପଲ୍ଲୀଝରଣା'

୧୯୫୩ ମସିହାରେ 'A study of orissan folklore*

୧୯୫୮ ମସିହାରେ 'ଓଡ଼ିଆ ଲୋକଗୀତ କାହାଣୀ'

ଆଦି ପୁସ୍ତକ ପ୍ରକାଶିତ କରି ସେ ଲୋକସାହିତ୍ୟ ବିଭାଗକୁ ପରିପୃଷ୍ଟ କରିଛନ୍ତି ।

*ଲୋକ ନାଟକ : -*

ଲୋକ କାହାଣୀ ଓ ଲୋକ ଗୀତ ପରି ଲୋକ ନାଟକ ମଧ୍ୟ ମୁଖରୁ ମୁଖକୁ ପ୍ରଚଳିତ ହୋଇ ଆସିଛି । ନୃତ୍ୟ ଅଭିନୟ, ସଂଗୀତ ସାଙ୍ଗକୁ ବାଦ୍ୟର ତାଳେ ତାଳେ ଲୋକନାଟକ ପରିବେଷିତ ହୁଏ । ବିଭିନ୍ନ ପ୍ରକାର ଲୀଳା, ନାଚ, ନାଟ, ସୁଆଙ୍ଗ, ପାଲା, ଦାସ କାଠିଆ, ସଖୀନାଚ, କଣ୍ଢେଇ ନାଚ, ଚଢ଼େୟାଚଢ଼େୟାଣୀ ନାଟ, ପ୍ରହସନ, ଫାର୍ସ୍, ଯାତ୍ରା ଆଦି ଲୋକନାଟକ ଅନ୍ତର୍ଭୂକ୍ତ ।

ବିଭିନ୍ନ ପର୍ବପର୍ବାଣୀ, ଯାନିଯାତ୍ରା, ବିବାହ, ବ୍ରତ ଆଦି ସମୟରେ ଲୋକନାଟକ ପରିବେଷିତ ହୁଏ । ସମୟ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ଏହି ସବୁ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ରୂପ ଗ୍ରହଣ କରିଛି । ବିଭିନ୍ନ ଅଞ୍ଚଳ ଭେଦରେ ମଧ୍ୟ ଲୋକନାଟକ ଭିନ୍ନ ଭିନ୍ନ ଥିବାର ଦେଖାଯାଏ । ତେବେ ଲୋକନାଟକ ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ ଏଥିରେ ସନ୍ଦେହ ନାହିଁ । ଆଧୁନିକ ନାଟକର ସୃଷ୍ଟି ବହୁ ପୂର୍ବରୁ ଲୋକନାଟକର ସୃଷ୍ଟି ହୋଇଛି । ସମୟକ୍ରମେ ଏହି ଲୋକସାହିତ୍ୟ ଲିଖିତ ରୂପ କଳେବର ଧାରଣ କରିଛି, ଫଳରେ ଲୋକ ସାହିତ୍ୟର ଅମୂଲ୍ୟ ସଂପଦମାନ ସଂଗୃହିତ ହୋଇ ସଂରକ୍ଷିତ ହୋଇ ରହିଛି ।

କ୍ରମଶଃ...

ଶାନ୍ତି ନିକେତନ

# ପ୍ରଶସ୍ତି ପତ୍ର / ଶୁଭେଚ୍ଛା ବାର୍ତ୍ତା

ପରମପୂଜ୍ୟ ଡାଃ ପଟ୍ଟନାୟକ ମହୋଦୟ ,

ନମସ୍କାର,ମୋର ହାର୍ଦିକ ଶୁଭେଚ୍ଛା ତଥା କୃତଜ୍ଞତା ସାଦରେ ଗ୍ରହଣ କରିବେ । ଆଶା ସପରିବାର କୁଶଳରେ ଥିବେ, ମୋର ଆତ୍ମହରା ଖୁସି ତଥା ଆନନ୍ଦର ଏହି ଶୁଭ ମୂହୁର୍ତ୍ତର ସମସ୍ତ ଶ୍ରେୟ ଆପଣଙ୍କୁ ପ୍ରଦାନ କରୁଛି । କାରଣ ମୋର ଚିନ୍ତା, ଚେତନା ଓ କଳ୍ପନାକୁ ଆପଣଙ୍କ ଏହି ଯୁଗାନ୍ତକାରୀ 'ଆହ୍ୱାନ' ମାଧ୍ୟମରେ ବାସ୍ତବରେ ପ୍ରତିଫଳିତ କରିଥିବାରୁ, ପୁନର୍ବାର ଆପଣଙ୍କୁ ସାଧୁବାଦ ଜ୍ଞାପନ କରୁଅଛି । ସର୍ବୋପରି ଏ ଅଧମ ଆପଣଙ୍କ ନିକଟରେ ଚିର ଋଣୀ । ପେଷାରେ ଜଣେ ଡାକ୍ତର ହେଲେ ମଧ୍ୟ, ସାହିତ୍ୟକୁ ଆପଣେଇ ନେବାର ଅଦମ୍ୟ ପ୍ରଚେଷ୍ଟା ବାସ୍ତବରେ ଅତି ପ୍ରଶଂସନୀୟ, ସାହିତ୍ୟକ୍ଷେତ୍ରରେ ଆପଣ ମୋତେ ସହାୟତାର ହାତ ବଢ଼ାଇଥିବାରୁ, ଆପଣଙ୍କୁ ଶତମୁଖରେ ପ୍ରଶଂସା ବି କମ ହେଉଛି । ଆଗାମୀ ଦିନରେ ଏହିପରି ସହଯୋଗ କାମନା କରୁଛି । ପରିଶେଷରେ ଆପଣଙ୍କ ଏହି ଅଭିନବ ପ୍ରୟାସର ସାର୍ଥକ ମାନସ ସନ୍ତାନ - 'ଆହ୍ୱାନ'ର ତଥା ଆପଣଙ୍କ ସପରିବାରର ଉଜ୍ଜ୍ୱଳ ଭବିଷ୍ୟତ, ଦୀର୍ଘାୟୁ, ନିରାମୟ ଓ ସୁଖ କାମନା ପୂର୍ବକ ଆପଣଙ୍କ ସମୁଜ୍ଜ୍ୱଳ ଜ୍ୟୋତିର ପ୍ରସାଦରେ ସମସ୍ତେ ପ୍ରତିଭାସିତ ହୁଅନ୍ତୁ । 'ସାହିତ୍ୟ ନିମନ୍ତେ ଆପଣଙ୍କ ଏହି ଉତ୍ସର୍ଗୀକୃତ ପ୍ରୟାସ ଚିର ଅମ୍ଳାନ ରହୁ' ।

"ପରୋପକାରାର୍ଥମିଦଂ ଶରୀରମ୍" ।

ଧନ୍ୟବାଦ

ଆପଣଙ୍କ ଶୁଭେଚ୍ଛୁ,

ହିତାକାଂକ୍ଷୀ ତଥା ସୁଗୁଣଗ୍ରାହୀ

ପ୍ରବୋଧ ଚନ୍ଦ୍ର ମୁଦ୍ରା , ସାଙ୍କୁଡ଼ା,

ଦୂରଭାଷ -7894916131

ସମ୍ମାନିତ ଶ୍ରୀ ମୁଦ୍ରା ବାବୁ,

ଆପଣଙ୍କ ପ୍ରଶସ୍ତି ପତ୍ର ପଢ଼ିବା ପରେ ମୋତେ ଅତ୍ୟନ୍ତ ଆନନ୍ଦ ଲାଗିଲା । ଅନୁଭବ ହେଲା ମୋର ଅନେକ ଦିନର ଶ୍ରମ ଆଜି ସାର୍ଥକ ହୋଇଛି । ମୁଁ ନିମିତ୍ତ ମାତ୍ର, ପ୍ରକୃତ ସମ୍ମାନର ଅଧିକାରୀ ହେଉଛନ୍ତି ଆପଣ ଏବଂ ଆପଣଙ୍କ ପରି ଅଗଣିତ ବନ୍ଧୁମାନେ ଯେଉଁମାନେ ସାହିତ୍ୟକୁ ବଞ୍ଚାଇ ରଖିବାରେ ସର୍ବଦା ବ୍ରତୀ ହୋଇଛନ୍ତି । ଆପଣଙ୍କ ପରି ଗୁଣୀ ଏବଂ ସାହିତ୍ୟଚେତା ପ୍ରାଣଙ୍କ ଆଶୀର୍ବାଦରୁ 'ଆହ୍ୱାନ' ଆଜି ଦଶ ବର୍ଷ ହେଲା ପ୍ରକାଶିତ ହୋଇ ଆସୁଛି ।

ଆଶା କରୁଛି ଆଗାମୀ ଦିନରେ ମଧ୍ୟ ସାହିତ୍ୟପ୍ରୀତି ଆପଣଙ୍କ ଅନୁରାଗ ଆପଣଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଅନେକ ରିଦ୍ଧିମନ୍ତ ଏବଂ ପ୍ରଶଂସନୀୟ କୃତି ସୃଷ୍ଟି କରିବାରେ ସହାୟକ ହେବ ।

**ଭଗବାନ ଆପଣଙ୍କୁ ସର୍ବଦା ଆଶୀର୍ବାଦ କରନ୍ତୁ ।**

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନର ଆଗାମୀ ସଂସ୍କରଣ ଅପ୍ରେଲ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରେସିପି, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା

ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ**

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।